# ବିନିମୟ

# ୩

## କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା








cysd
Enable-Empower-Include...

apmas

# ସଭ୍ୟମାନଙ୍କର ସହଭାଗିତା



୩
ମଡ୍ୟୁଲ

# ବିନିମୟ

## କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା

କୃଷକ ଉତ୍ପାଦକ ସଙ୍ଗଠନର
ନିର୍ଦ୍ଦେଶକମଣ୍ଡଳୀମାନଙ୍କ ନିମନ୍ତେ ଶିକ୍ଷଣ ପେଟିକା







DGRV
apmas
cysd
Enable-Empower-Include...

# ବିନିମୟ

## କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା

ପ୍ରଥମ ସଂସ୍କରଣ – ଫେବୃୟାରୀ ୨୦୨୧
ମୂଲ୍ୟ – ୧୦୦ ଟଙ୍କା ମାତ୍ର

ପୁନଃ ପ୍ରକାଶନର ଅଧିକା ସଂରକ୍ଷିତ। ଏହି ପୁସ୍ତିକା ଏପିମାସ୍‌ର ଅନୁମତିରେ ଏପିମାସ୍ ଓ ଡି.ଜି.ଆର୍.ଭି.ର ଲୋଗ ଥାଇ ପୁନଃ ପ୍ରକାଶନ ହୋଇପାରିବ।

ଏହି ବହି ପାଇଁ, ଆପଣ ଏପିମାସ୍ ଅଫିସକୁ ଫୋନ୍ କିମ୍ବା ଇ-ମେଲ୍ ପଠାଇ ଯୋଗାଯୋଗ କରିପାରିବେ।

**ଅନୁବାଦ**

cysd Enable-Empower-Include...

**ସି ୱାଇ ଏସ୍ ଡ଼ି**
ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ
ପୋଷ୍ଟ - ଆର.ଆର.ଏଲ୍., ଭୁବନେଶ୍ୱର - ୭୫୧୦୧୩ ଓଡ଼ିଶା
ଫୋନ୍ - ୦୬୭୪ ୨୩୦୦୯୮୩, ୨୩୦୧୭୨୫
ଇ-ମେଲ୍ ଆଇଡି - cysd@cysd.org / info@cysd.org
ୱେବ୍‌ସାଇଟ୍ - www.cysd.org

**ପ୍ରକାଶକ:**

| | |
|---|---|
| apmas | **ମହିଳା ଅଭିବୃଦ୍ଧି ସୋସାଇଟି (ଏପିମାସ୍)**<br>ପ୍ଲଟ୍ ନଂ – ୧୧ ଏବଂ ୧୨, ହୁଡା କଲୋନି, ଟନେସା ନଗର, ମନିକୋଣ୍ଡା,<br>ହାଇଦ୍ରାବାଦ - ୫୦୦୦୮୯, ତେଲେଙ୍ଗାନା, ଭାରତ<br>ଅଫିସ୍ ଫୋନ୍ – ୦୮୪୧୩-୪୦୩୧୧୮/୦୮୪୧୩-୪୦୩୧୨୦<br>ଇ-ମେଲ୍ ଆଇଡି – info@apmas.org<br>ୱେବ୍‌ସାଇଟ୍ – www.apmas.org |

# କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ପାଇଁ ଆତ୍ମ-ଶିକ୍ଷଣ ପେଟିକା କାହିଁକି ?

ଯଦିଓ ଭାରତୀୟ ଚାଷୀ ବା କୃଷକମାନେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ବିଗତ ଦଶନ୍ଧିରେ "କୃଷି" ଏକ ଗୁରୁତ୍ୱପୂର୍ଣ୍ଣ  ଭୂମିକା ଲାଭ କରିଛି । ପଲିସି ପ୍ରସ୍ତୁତକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ଦ୍ୱାରା କୃଷକମାନଙ୍କୁ ସେମାନଙ୍କ ସମୂହ ଯଥା; ଚାଷୀ/କୃଷକ ଉତ୍ପାଦକ ସଂଗଠନଗୁଡ଼ିକ (FPO) କୃଷକମାନଙ୍କ ଉନ୍ନତି ପାଇଁ ସର୍ବାଧିକ ଆନୁଷ୍ଠାନିକ ବ୍ୟବସ୍ଥା ରୂପେ ଗଢ଼ି ଉଠିଛି । ଆସନ୍ତା ୫ ବର୍ଷ ମଧ୍ୟରେ ଭାରତ ବର୍ଷରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବାପାଇଁ କୃଷକମାନଙ୍କର ଉତ୍ପାଦକ ସଂଗଠନ ବିଚାର ଅଦାଲତର ବିନା ସାହାଯ୍ୟରେ ଏକ ରଣନୀତି । ଭାରତବର୍ଷରେ ୫୦୦୦ କୃଷକ ଉତ୍ପାଦକ ସଂଗଠନଗୁଡିକ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଗଠନ କରାଯାଇ ସୁଦୃଢ଼ କରାଯାଉଅଛି ଏବଂ ଆହୁରି ଅନେକ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଅଛି । ତେଲୁଗୁ ଭାଷା ବାସୀ ରାଜ୍ୟ ଯଥା; ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ୭୦୦ କୃଷକ ଉତ୍ପାଦକ ସଂଗଠନ ଅଛି । କୃଷକ ଉତ୍ପାଦକ ସଂଗଠନ ଗଢ଼ିବା ଆନ୍ଦୋଳନ ଏ ପର୍ଯ୍ୟନ୍ତ ଜନ୍ମହୋଇ ବଢୁଥିବା ପର୍ଯ୍ୟାୟରେ ଅଛି ଯାହା ସହିତ ସେଗୁଡିକର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ପୃଷ୍ଠପୋଷକ ମାନଙ୍କ ଉପରେ ନିର୍ଭର କରୁଛନ୍ତି । ଯେଉଁମାନଙ୍କର ଲକ୍ଷ୍ୟ, ବ୍ୟବସାୟିକ ଚିନ୍ତାଧାରା, ପ୍ରଶିକ୍ଷଣ ଏବଂ ଦକ୍ଷତା ସୀମିତ ଅଟେ କାରଣ ସେମାନଙ୍କ ପାଇଁ ଖୁବ୍ କମ୍ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି ।

ଏକ ବଳିଷ୍ଠ, ନିଷ୍ଠାବାନ୍ ଏବଂ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ପାଇବା କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଆହ୍ୱାନ ହୋଇଛି । କୃଷକ ଉତ୍ପାଦକ ସଂଗଠନ ଅନ୍ୟ କେତେଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି ଯଥା; ଉତ୍ତମ ସୁଶାସନ, ବ୍ୟବସାୟ ପରିଚାଳନା, ସଫଳ ବ୍ୟବସ୍ଥା ଏବଂ ଅର୍ଥ ଓ ବଜାର ସହିତ ସରକାରୀ ଯୋଜନା ପାଖରେ ପହଞ୍ଚିବା । କୃଷିଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ବିକାଶକୁ ଉତ୍ତମରୂପେ ପ୍ରଭାବିତ କରିବା, କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଦୂରୁହ ବ୍ୟାପାର ଅଟେ । ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ହେଉଛି ମୌଳିକ ଏବଂ କୃଷକ ଉତ୍ପାଦକ ସଂଗଠନର ସଫଳତା ଏବଂ ସେମାନେ ବ୍ୟବସାୟିକ ଅନୁଷ୍ଠାନ ରୂପେ ଗଢ଼ି ଉଠିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ସହିତ ସେମାନଙ୍କ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଚାଷରୁ ଲାଭାଂଶ ବୃଦ୍ଧି କରିବା ପାଇଁ ସାଧନ ପୂର୍ବରୁ ଆନୁସାଙ୍ଗିକ ଭାବରେ ଆବଶ୍ୟକ ହୁଏ । ଲଗାତର ପ୍ରଶିକ୍ଷଣ ଏବଂ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ, କର୍ମଚାରୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ବିକାଶ କେନ୍ଦ୍ର ଜରିଆରେ ପ୍ରାଥମିକତା ଅଟେ ଯାହାକି ଆମ୍ଭେ ଅନେକଗୁଡିଏ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ଅନ୍ୟ ମାନଙ୍କଦ୍ୱାରା ଗଠିତ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପଥପ୍ରଦର୍ଶନ କାର୍ଯ୍ୟରେ ସଂଶ୍ଲିଷ୍ଟ ଅଛୁ ଏବଂ ସେମାନଙ୍କୁ ଉପଯୁକ୍ତ କୃଷିଜାତ ଦ୍ରବ୍ୟ ମୂଲ୍ୟ ଶୃଙ୍ଖଳ ବିକାଶ ପ୍ରଚେଷ୍ଟା ଗୁଡ଼ିକରେ ସଂଶ୍ଲିଷ୍ଟ ହେବାକୁ ଚେଷ୍ଟା ଜାରି ରଖିଛୁ । ପୂର୍ବରୁ ଥିବା କୃଷକ ଉତ୍ପାଦକ ସଂଗଠନ ପାଇଁ ପ୍ରଶିକ୍ଷଣ ପେଟିକା ଓ ପ୍ରଶିକ୍ଷକଙ୍କପାଇଁ ସମୀକ୍ଷା କଲାବେଳେ, ଆମ୍ଭେ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ନିମନ୍ତେ ଗୁଣାତ୍ମକ, ପ୍ରୟୋଗାତ୍ମାକ ଏବଂ ବ୍ୟବହାର ଉପଯୋଗୀ ବା ବ୍ୟବହାରକାରୀଙ୍କ ସାଥୀ ଆତ୍ମଶିକ୍ଷଣ ପେଟିକା ପାଇଲୁ ନାହିଁ । ଆମ୍ଭର ସ୍ୱୟଂ ସହାୟକ ସଂଗଠନ ପାଇଁ ନିଜର ପରିଚାଳନା ଉପରେ ବହୁତ ଦିନର ଅଭିଜ୍ଞତାକୁ ଭିତ୍ତିକରି ଆତ୍ମଶିକ୍ଷଣ ପେଟିକା ପ୍ରସ୍ତୁତି ଏବଂ ୧୮ ବର୍ଷର ସଂଗଠନ ସୁଦୃଢ଼ କରି ବା ତାଲିମ୍‌ର ଅନୁଭୂତିକୁ ପାଥେୟ କରି ଶ୍ରୀ ମଧୁମୂର୍ତ୍ତି ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ

ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ ଅନୁଷ୍ଠାନ, ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ, ଅନୁଷ୍ଠାନର ଢାଞ୍ଚା, ସଦସ୍ୟତା, ନେତୃତ୍ୱ ଏବଂ ସ୍ୱଶାସନ, ପରିଚାଳନା, ପଞ୍ଜୀକରଣ ଏବଂ ଆଇନ୍‌ଭିତ୍ତିକ ନିୟମ ପାଳନ, ବ୍ୟବସାୟିକ ଯୋଜନା, ଉତ୍ପାଦନ ବୃଦ୍ଧି, ସାମୂହିକ ବଜାର (ସାଧନ ପ୍ରବେଶ ଓ ଫଳାଫଳ ପ୍ରାପ୍ତ), କୃଷିଭିତ୍ତିକ ସେବା କେନ୍ଦ୍ର ପରିଚାଳନା, ଆର୍ଥିକ ଏବଂ ହିସାବ କିତାବର ପରିଚାଳନା ସମ୍ବନ୍ଧିତ ବିଷୟବସ୍ତୁ ଥାଇ କ୍ରମାନ୍ୱୟରେ ୧ ୨ ଟି ସହଜ ଓ ବ୍ୟବହାର-ଯୋଗ୍ୟ ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତ କରିଛନ୍ତି ।

ଯେହେତୁ କୃଷକ ଉତ୍ପାଦକ ସଂଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ଚିରସ୍ଥାୟୀ ବ୍ୟବସାୟିକ ଅନୁଷ୍ଠାନ, ତେଣୁ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସବୁବେଳେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ଏହାର ମୁଖ୍ୟ କାରଣ ହେଲା ଏହି ନିର୍ଦ୍ଦେଶକମଣ୍ଡଳୀ ଓ କର୍ମକର୍ତ୍ତା କିଛି ବର୍ଷ ଅନ୍ତରରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତି । ଆମ୍ଭେ ନିଶ୍ଚିତ ଯେ, ଏହି ସହଜ ବ୍ୟବହାର ଯୋଗ୍ୟ, ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ସେମାନଙ୍କ ସଦସ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକମାନେ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କୁ ଏହି ଆତ୍ମ-ଶିକ୍ଷଣ ପେଟିକାରୁ ଶିକ୍ଷାପ୍ରାପ୍ତ କରିବା ପାଇଁ ସହାୟତା କରିପାରିବେ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକ ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଏହି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ-ଅଧ୍ୟୟନ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ କରିବା ସହିତ କୃଷକ ଉତ୍ପାଦକ ସଂଗଠନକୁ ଏକ ସ୍ୱୟଂ-ପରିଚାଳିତ ଏବଂ ସୁଦୃଢ଼ ବ୍ୟବସାୟ ଅନୁଷ୍ଠାନ କରି ଗଢ଼ି ତୋଳିପାରିବେ । ଏପିମାସ ଏହି ଆତ୍ମ-ଅଧ୍ୟୟନ ପେଟିକାକୁ ତେଲୁଗୁ, ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିବାର ଦାୟିତ୍ୱ ନେଇଛି, ଯାହା ଚାହିଦା ଉପରେ ପର୍ଯ୍ୟବେସିତ । ଏହି ପେଟିକା ଉପଯୁକ୍ତ ଭାବରେ ଅନ୍ୟ ଭାରତୀୟ ଭାଷାରେ ସମ୍ବଳ ଅନୁଷ୍ଠାନ, ରାଜ୍ୟ ସରକାର ଓ ନାବାର୍ଡ ଏବଂ ଅନ୍ୟ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇପାରିବ । ଏପିମାସ୍ ଏହି ପ୍ରଚେଷ୍ଟାକୁ ନିଶ୍ଚିତ ରୂପେ ସହଯୋଗ କରିବ । ଆପଣଙ୍କ ମତାମତ ଅପେକ୍ଷାରେ !

ଧନ୍ୟବାଦ ସହ
ସି.ଏସ୍. ରେଡ୍ଡି
ମୁଖ୍ୟ କାର୍ଯ୍ୟନିର୍ବାହୀ, ଏପିମାସ୍

# କୃତଜ୍ଞତା

ଦେଶର ଶତକଡା ୭୦ଭାଗ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କୃଷକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପାଇବା ଆଜି ଦିନରେ ଏକ ଦୁରୁହ ବ୍ୟାପାର । ଚାଷୀକେନ୍ଦ୍ରିକ କୃଷିକୁ ସୁଚାରୁରୂପେ ଆପଣା ଯାଇପାରିନାହିଁ । ଚାଷଜନିତ ବହୁମୁଖୀ ସମସ୍ୟା ଯୋଗୁ ଚାଷପ୍ରତି ଚାଷୀର ଆଗ୍ରହ କମିବାରେ ଲାଗିଛି । ଖୁସିର ଖବର କୃଷକମାନଙ୍କ ଉନ୍ନତି ପାଇଁ ଏବେ କୃଷକ ଉତ୍ପାଦକ ସଙ୍ଗଠନମାନ ଗଢିଉଠୁଛି । କୃଷିଜାତ ଦ୍ରବ୍ୟର ବିକ୍ରିବଟାକୁ ପ୍ରଭାବିତ କରିବା କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଦାୟିତ୍ୱ ଅଟେ ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ବ୍ୟବସାୟିକ ସଙ୍ଗଠନ ।ଏହି ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସର୍ବଦା ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ଏହି ୬ଟି ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ଼ କରିବା ଓ ସେମାନଙ୍କର ସଦସ୍ୟମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ । ଏହି ଆତ୍ମ-ଶିକ୍ଷଣ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ ସହିତ ଏହା କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ସ୍ୱୟଂଚାଳିତ ଏବଂ ଦୃଢ ବ୍ୟବସାୟିକ ସଙ୍ଗଠନ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ଆମର ଆଶା ।

ଏପିମାସ୍ (APMAS)ଦ୍ୱାରା ପ୍ରସ୍ତୁତ ୬ଟି ଶିକ୍ଷଣ ପେଟିକାକୁ ଓଡିଆ ଭାଷାରେ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଆମ୍ଭେ ସଙ୍ଗଠନକୁ କୃତଜ୍ଞତା ଜ୍ଞାପନ କରୁଅଛୁ । ଏଥିରେ ଶ୍ରୀମତୀ ଭାରତୀ ମହାପାତ୍ରଙ୍କୁ ଅନୁବାଦ ପାଇଁ ଏବଂ ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଶୋଧନ ପାଇଁ ଧନ୍ୟବାଦ ଜଣାଉଛୁ । ଆଶା, ଏହି ଆତ୍ମ-ଶିକ୍ଷଣ ପେଟିକାଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଉପାଦେୟ ହେବ ।

**ଜଗଦାନନ୍ଦ**
ମାର୍ଗଦର୍ଶକ

# ସୂଚୀପତ୍ର


ଶିକ୍ଷଣ ପେଟିକା ବିଷୟରେ ........................................................................................ ୦୭

କଠିନ ଶବ୍ଦ (ଆକ୍ରୋନିମ୍‌ସ)........................................................................................ ୦୯

କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ ........................................................................................ ୧୨

୧. କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସଦସ୍ୟତାର ଆବଶ୍ୟକତା ........................................................ ୧୩

୨. ସଭ୍ୟମାନଙ୍କର ମାଲିକାନା ଓ ନିୟନ୍ତ୍ରଣ ........................................................................ ୧୮

୩. ସଦସ୍ୟତାର ମୁଖ୍ୟ ବୈଶିଷ୍ଟ୍ୟସମୂହ ........................................................................ ୨୫

୪. କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା– କେଉଁମାନେ ? କିପରି ?.............................................. ୩୬

୫. ପୁଞ୍ଜି ଅନୁଦାନ – ସଦସ୍ୟତା ହିଁ ମାଲିକାନା........................................................................ ୩୮

ସଂଲଗ୍ନ –୧ ଏମ୍‌ଏସିଏସ୍ ଆଇନ୍ ୧୯୯୫ର ସଦସ୍ୟତା ପାଇଁ ବ୍ୟବସ୍ଥା ଓ ପ୍ରାବଧାନ ...................................... ୪୩

ସଂଲଗ୍ନ– ୨ କମ୍ପାନୀ ଆଇନ୍ ୨୦୧୩ ଅନୁଯାୟୀ ସଭ୍ୟପଦ ପାଇଁ ବ୍ୟବସ୍ଥା ବା ପ୍ରାବଧାନ .................................. ୪୪

କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ ........................................................................................ ୪୭

# ଶିକ୍ଷଣ ପେଟିକା ବିଷୟରେ

## ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଶିକ୍ଷଣ ପେଟିକା

୧. ଜାଗୃତି - କୃଷକ ଉତ୍ପାଦକ ସଂଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

୨. ପରିକଳ୍ପନା - କୃଷକ ଉତ୍ପାଦକ ସଂଗଠନର ଗଠନ ଢାଞ୍ଚା ଏବଂ ରୂପରେଖ

୩. ବିନିମୟ - କୃଷକ ଉତ୍ପାଦକ ସଂଗଠନର ସଦସ୍ୟତା।

୪. ପ୍ରେରଣା - କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ

୫. ସମର୍ଥନ - କୃଷକ ଉତ୍ପାଦକ ସଂଗଠନର ପରିଚାଳନା

୬. ସୁଧର୍ମ - କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ।

୭. ବ୍ୟବସାୟ ଯୋଜନା

୮. ହିସାବ କିତାବ ଏବଂ ଅର୍ଥ

୯. ଅମଳ ପରର, ଯୋଗାଣ ଶୃଙ୍ଖଳ (ଚେନ୍) ପରିଚାଳନା

୧୦. କିଣାବିକା କରିବା

୧୧. କୃଷି ଉତ୍ପାଦକତା ବୃଦ୍ଧିପାଇଁ ସେବା

୧୨. ନେତୃତ୍ୱ

କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା ଉତ୍ପାଦକ ସଙ୍ଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀମାନଙ୍କ ପାଇଁ ତୃତୀୟ ଆତ୍ମ-ଶିକ୍ଷଣ ପେଟିକା। ଯେହେତୁ ସଦସ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନର ମାଲିକ ଅଟନ୍ତି ଏବଂ କୃଷକ ଉତ୍ପାଦକ ସଙ୍ଗଠନର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ସଦସ୍ୟମାନଙ୍କୁ ସେବା ପ୍ରଦାନକରିବା, ଏହି ମଡ୍ୟୁଲରେ ଅଧିକ ଗୁରୁତ୍ୱ ପ୍ରଦାନ କରିଛି ।

**ଉଦ୍ଦେଶ୍ୟ**

ଏହି ଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହେଲା, କୃଷକ ଉତ୍ପାଦକ ସଂଗଠନର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଆବଶ୍ୟକ ବୁଝାମଣା ସୃଷ୍ଟି କରାଇବା ଏବଂ ପ୍ରଶିକ୍ଷଣ ଦେବା ଯାହା ଫଳରେ ସେମାନେ ସେମାନଙ୍କର ଭୂମିକା ଫଳପ୍ରଦ ଭାବେ କରିପାରିବେ ଏବଂ ସେମାନଙ୍କ କୃଷକ ଉତ୍ପାଦକ ସଂଗଠନର ନେତୃତ୍ୱ ନେଇ ତାକୁ ସୁଦୃଢ଼ କରାଇ ସେମାନଙ୍କ ସଦସ୍ୟମାନଙ୍କୁ ଉପକୃତ କରାଇପାରିବେ।

**କେଉଁମାନଙ୍କ ପାଇଁ**

ଏହି ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନର ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ। କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କର ଅନ୍ତତଃପକ୍ଷେ କୃଷକ ଉତ୍ପାଦକ ସଙ୍ଗଠନ ପରିଚାଳନା କରିଥିବାର ୧ ବର୍ଷର ଅନୁଭୂତି ଥିବ।

**ଶିକ୍ଷଣ ଉଦ୍ଦେଶ୍ୟ**

ଏହି କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା ଉପରେ ଆଧାରିତ ଶିକ୍ଷଣ ପେଟିକାର ନିମ୍ନରେ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ ଦିଆଗଲା।

- କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସଦସ୍ୟତାର ଆବଶ୍ୟକତାର ଗୁରୁତ୍ୱକୁ ବୁଝିବା ସହ ସେମାନଙ୍କୁ ସ୍ୱିକୃତୀ ଦେବା ଏବଂ ମାଲିକାନା ଓ ନିୟନ୍ତ୍ରଣ ବିଷୟରେ ସଚେତନ କରିବା।
- କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା ପାଇଁ ବିଭିନ୍ନ ବୈଶିଷ୍ଟ୍ୟ ବିଷୟରେ ଜାଣିବେ।

## ଢାଞ୍ଚା ଓ ବିଷୟବସ୍ତୁ

ଏହି ପେଟିକା ସଦସ୍ୟମାନଙ୍କୁ ଗୁରୁତ୍ୱ ଏବଂ ସଦସ୍ୟମାନଙ୍କର ମାଲିକାନା ଏବଂ ନିୟନ୍ତ୍ରଣ ବିଷୟରେ ଆରମ୍ଭ କରିଥାଏ । ତାପରେ ଏହା ସଦସ୍ୟମାନଙ୍କର ବିଭିନ୍ନ ବୈଶିଷ୍ଟ୍ୟ ଏବଂ ସଦସ୍ୟମାନଙ୍କର ପୁଞ୍ଜି ବିନିଯୋଗକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରେ ।

## ଏହାକୁ କିପରି ବ୍ୟବହାର କରିବା

ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଏହି ଶିକ୍ଷଣ ପେଟିକାକୁ ନିଜେ ନିଜେ ବ୍ୟବହାର କରିପାରିବେ କିମ୍ବା ବାହାରର ସମ୍ବଳ ବ୍ୟକ୍ତି ବା ବିଶେଷଜ୍ଞର ସହାୟତାରେ ଏହି ପେଟିକାରେ ଥିବା ଶିକ୍ଷଣ ପ୍ରକ୍ରିୟାକୁ ଶିଖିପାରିବେ । ଏହି ପେଟିକା ସହିତ କେତେକ ସମ୍ପର୍କିତ ପୋଷ୍ଟର ଅଛି ଯାହାକୁ କି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଶିକ୍ଷଣ ପାଇଁ ଉପଯୁକ୍ତ ସ୍ଥାନରେ ଲଗାଇପାରିବେ ।

ଏହି ଶିକ୍ଷଣ ପେଟିକାରେ ଥିବା ଶିକ୍ଷଣକୁ ଉପଭୋଗ କରି ଶିଖିବା ଆମ୍ଭେ ଆଶାକରୁ ଏବଂ ଆପଣ ନିଜର କୃଷକ ଉତ୍ପାଦକ ସଙ୍ଗଠନକୁ ଅଧିକ ଫଳପ୍ରଦ ଏବଂ କାର୍ଯ୍ୟଦକ୍ଷଭାବେ ପରିଚାଳନା କିମ୍ବା ସ୍ୱଶାସନ କରନ୍ତୁ ।

# କଠିନ ଶବ୍ଦ (ଆକ୍ରୋନିମ୍ସ)

**ଆର୍ଟିକିଲସ୍ ଅଫ ଆସୋସିଏସନ୍ (Articles of Associations)** : ଏକ ସମବାୟ ସମିତି/ସମବାୟ ବାଇ-ଲ ଯାହା, ଉତ୍ପାଦକ କମ୍ପାନୀ ପାଇଁ ଆର୍ଟିକିଲ୍ସ୍ ଅଫ୍ ଆସୋସିଏସନ୍ ତାହା। ଆର୍ଟିକିଲସ ଅଫ ଆସୋସିଏସନ ସ୍ୱତନ୍ତ୍ର ଭାବରେ କମ୍ପାନୀର କାର୍ଯ୍ୟକାରୀତା ପାଇଁ ନୀତିନିୟମ ଏବଂ କମ୍ପାନୀର ଉଦ୍ଦେଶ୍ୟ ଏବଂ ଏହି ଉଦ୍ଦେଶ୍ୟ ହାସଲ ପାଇଁ କ'ଣ ପଦ୍ଧତି ଓ ମାର୍ଗ ଅବଲମ୍ବନ କରିବାକୁ ପଡିବ ସେଥିରେ ଉଲ୍ଲେଖଥାଏ।

କମ୍ପାନୀର ବୋର୍ଡକୁ ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍‌କୁ ପ୍ରସ୍ତୁତ କରିବାକୁ ପଡିବ ଏବଂ କମ୍ପାନୀମାନଙ୍କର ରେଜିଷ୍ଟ୍ରାର୍‌ଙ୍କଠାରୁ ତାହାର ସ୍ୱୀକୃତି ଲାଭ କରିବାକୁ ପଡିବ। ଏଥିରେ କିଛି ସଂଶୋଧନ କରିବାକୁ ହେଲେ ତାହାକୁ ସାଧାରଣ ପରିଷଦ ବୈଠକରେ କରିବାକୁ ପଡିବ ଏବଂ ପୁନର୍ବାର କମ୍ପାନୀମାନଙ୍କର ରେଜିଷ୍ଟ୍ରାରଙ୍କଠାରୁ ସ୍ୱୀକୃତି ଲାଭ କରିବାକୁ ପଡ଼ିବ।

**ସକ୍ରିୟ ସଭ୍ୟ:** : ଅଧିନିୟମ/ଉପବିଧିର ଆବଶ୍ୟକତା ଅନୁଯାୟୀ ଏକ ସଦସ୍ୟ ଯିଏ କି କୃଷକ ଉତ୍ପାଦକ ସଙ୍ଗଠନଦ୍ୱାରା ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟ ମାନଦଣ୍ଡକୁ ପୂରଣ କରୁଥିବ।

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ:** : ବୋର୍ଡ ହେଉଛି କୃଷକ ଉତ୍ପାଦକ ସଂଗଠନର ପରିଚାଳନା ପରିଷଦ ଦ୍ୱାରା ନୀତି ସ୍ତରୀୟ ନିଷ୍ପତ୍ତି ଏବଂ ଏହା ସୁନିଶ୍ଚିତ କରାଏ ଯେ, କୃଷକ ଉତ୍ପାଦକ ସଂଗଠନ ଏହାର ସଦସ୍ୟମାନଙ୍କ ପାଇଁ କାମ କରେ। କୃଷକ ଉତ୍ପାଦକ ସଂଗଠନ ବୋର୍ଡ, ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯଥା; କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ।

**"ବାଇ-ଲ"** : " ଉପବିଧି " ହେଉଛି, ସମବାୟ ସମିତିକୁ ପରିଚାଳନା କରିବାର ବ୍ୟବସ୍ଥା। ପ୍ରତ୍ୟେକ ସମବାୟ ସମିତି ସେମାନଙ୍କର ନିଜର "ଉପବିଧି" ଅଛି ଏବଂ ସେମାନଙ୍କର ସବୁ କାର୍ଯ୍ୟ ସେହି "ଉପବିଧି" ଭିତରେ ହିଁ କାର୍ଯ୍ୟକାରୀ ହୋଇଥାଏ। ବୋର୍ଡ ଏହି "ଉପବିଧି"କୁ ପ୍ରସ୍ତୁତ କରିଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କଦ୍ୱାରା ସ୍ୱୀକୃତି ଲାଭ କରିବା ଉଚିତ୍। ପରବର୍ତ୍ତୀ ସମୟରେ ଏହି "ଉପବିଧି"ରେ କିଛି ସଂଶୋଧନ କରାଗଲେ, ତାହା କେବଳ ସାଧାରଣ ପରିଷଦ ଦ୍ୱାରା ହିଁ ସଂଶୋଧିତ ହୋଇଥାଏ ଏବଂ ତାହା ସମବାୟସମୂହ ନିବନ୍ଧକଙ୍କ ଦ୍ୱାରା ହିଁ ସ୍ୱୀକୃତି ଲାଭ କରିବା ଆବଶ୍ୟକ।

**ସମବାୟ ସମିତି** : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି (ଯଥା; ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଅନୁବନ୍ଧିତ ହୋଇଛି, ତାହା ଏକ ସମବାୟ ସମିତି ବୋଲି ଆମ୍ଭେ କହିବା।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ / ପରିଚାଳକ / ସାଧରଣ ପରିଚାଳକ** : ପ୍ରତ୍ୟେକ କୃଷକ ଉତ୍ପାଦକ ସଂଗଠନ ଜଣେ ପୂର୍ଣ୍ଣ ସମୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) କିମ୍ବା ଯେ କୌଣସି ପଦବୀରେ ଯେପରିକି ପରିଚାଳକ (Manager), ସାଧାରଣ ପରିଚାଳକ (General Manager) ଇତ୍ୟାଦି ବୋଲି କହିପାରିବା, ସେଭଳି ଜଣେ ଆବଶ୍ୟକ କରିବେ। ବୋର୍ଡର ନିୟନ୍ତ୍ରଣରେ, ନିର୍ଦ୍ଦେଶରେ, ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମକୁ ପରିଚାଳନା କରିବେ ଏବଂ କୃଷକ ଉତ୍ପାଦକ ସଂଠଗନ କାର୍ଯ୍ୟକାରୀତା ପାଇଁ ଉତ୍ତରଦାୟୀ ରହିବେ।

**ଡିଭିଡେଣ୍ଡ:** : ଏହା ହେଉଛି କୃଷକ ଉତ୍ପାଦକ ସଙ୍ଗଠନର ରୋଜଗାରର ଏକ ଅଂଶରୁ ପୁରସ୍କାର ବଣ୍ଟନ ଏବଂ ଏହା ସଦସ୍ୟମାନଙ୍କୁ ଦିଆଯାଏ।

**କୃଷକ ଉତ୍ପାଦକ ସଂଗଠନ :** : ଏକ କୃଷକ ଉତ୍ପାଦକ ସଂଗଠନ (FPO) ହେଉଛି ପଞ୍ଜିକୃତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଯାହା କୃଷକ ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ସେମାନେ ଏହାର ସତ୍ତ୍ୱାଧିକାରୀ ଅଟନ୍ତି। ଚାଷୀ ଉତ୍ପାଦକ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଏହାର ସଦସ୍ୟମାନଙ୍କୁ ଆବଶ୍ୟକ କରୁଥିବା ସେବା ଯୋଗାଇ ସଦସ୍ୟମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରୁଥିବ। କୃଷି ଏବଂ ଆନୁସାଙ୍ଗିକ ବିଷୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନଗୁଡିକ ସଂଶ୍ଳିଷ୍ଟ ରୁହନ୍ତି। କୃଷକ ଉତ୍ପାଦକ ସଂଗଠନଗୁଡିକ ଆନୁଷ୍ଠାନିକ ସଂଗଠନ ହୋଇଥିବାରୁ, ସେମାନେ ସେମାନଙ୍କର ଅଫିସ୍/ଅନ୍ୟାନ୍ୟ ଭିତ୍ତିଭୂମି, କର୍ମଚାରୀ, ବ୍ୟବସ୍ଥା ଥାଇ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି।

**ଅଦ୍ୱିତୀୟ ସାଧାରଣ ବୈଠକ:** : ବାର୍ଷିକ ସାଧାରଣ ପରିଷଦ ବୈଠକ ବ୍ୟତୀତ ସାଧାରଣ ପରିଷଦର ଏହା ଏକ ଅଦ୍ୱିତୀୟ ବୈଠକ। ବାର୍ଷିକ ସାଧାରଣ ପରିଷଦ ବୈଠକରେ କୃଷକ ଉତ୍ପାଦକ ସଙ୍ଗଠନର ଯେ କୌଣସି ନିର୍ଦ୍ଦିଷ୍ଟ/ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନେଇ ରାଜିନାମା କରାଯାଇଥାଏ।

**ସାାଧାରଣ ପରିଷଦ:** : କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦର ସଭ୍ୟ ଅଟନ୍ତି। ସାଧାରଣ ପରିଷଦ କୃଷକ ଉତ୍ପାଦକ ସଙ୍ଗଠନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଅଟେ।

**ସାଧାରଣ ପରିଷଦ ବୈଠକ:** : କୃଷକ ଉତ୍ପାଦକ ସଙ୍ଗଠନର ଏହା ଏକ ସାଧାରଣ ବୈଠକ।

**ସଭ୍ୟ କୈନ୍ଦ୍ରିକତା:** : ସଭ୍ୟ କୈନ୍ଦ୍ରିକତା ହେଲା ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନର ସେବା ସବୁ ତାହାର ସଭ୍ୟମାନଙ୍କ ପାଇଁ କେତେ ପ୍ରସଙ୍ଗିକ ବା ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି ଯଦି କୃଷକ ଉତ୍ପାଦକ ସଙ୍ଗଠନର ସେବା ଗୁଡ଼ିକ ପ୍ରସଙ୍ଗିକ ଓ ସଭ୍ୟମାନଙ୍କ ଆବଶ୍ୟକତା ସହ ମେଳ ଖାଉଛି, ତାହେଲେ ସଭ୍ୟମାନେ ଅନୁଭବ କରନ୍ତି ଯେ ତାଙ୍କର କୃଷକ ଉତ୍ପାଦକ ସଙ୍ଗଠନ ତାଙ୍କ ପାଇଁ ବହୁତ ଭଲ।

| | | |
|---|---|---|
| **ସଦସ୍ୟ** | : | "ସଦସ୍ୟ" ଅର୍ଥ ଜଣେ ବ୍ୟକ୍ତି କିମ୍ବା ଉତ୍ପାଦକ ସଙ୍ଗଠନ ଯାହାକୁ କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟ ଭାବେ ଗ୍ରହଣ କରାଯାଇଛି । ଏବଂ ସଭ୍ୟ ରହିବା ପାଇଁ ଯାହାର ଯୋଗ୍ୟତା ଅଛି । କୃଷକ ଉତ୍ପାଦକ ସଙ୍ଗଠନରେ, ତାଙ୍କର କାର୍ଯ୍ୟ କ୍ଷେତ୍ରରୁ କେବଳ ଯୋଗ୍ୟ ଚାଷୀ ବା ଉତ୍ପାଦକ ଅନୁଷ୍ଠାନମାନେ ତାଙ୍କର ଉପବିଧି ଅନୁଯାଇ ସଭ୍ୟ ହୋଇପାରିବେ । |
| **ସଭ୍ୟ ପୃଷ୍ଠପୋଷକତା** | : | ସଭ୍ୟ ପୃଷ୍ଠପୋଷକତା କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଦିଆଯାଉଥିବା ସେବା ସମୂହ ଏହାର ବ୍ୟବସାୟିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ବ୍ୟବହାର କରିଥାଏ । |
| **ଉତ୍ପାଦକ କମ୍ପାନୀ** | : | କୌଣସି ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନକୁ ତାଙ୍କର ଦ୍ରବ୍ୟ ବିକ୍ରୟକରି ପାଇବାକୁ ଥିବା ଦେୟରୁ କିଛି ଅଂଶ ଦେବା ସ୍ଥଗିତ ରଖିଥାନ୍ତି ଓ ଅର୍ଥପ୍ରଦାନ କରିଥାନ୍ତି । |
| **ଉତ୍ପାଦକ କମ୍ପାନୀ (Producer Company)** | : | ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି, କମ୍ପାନୀ ଆଇନ୍ (Companies Act) ୨୦୧୩ ଅଧିନରେ ପଞ୍ଜିକୃତ ବା ସ୍ୱୀକୃତି ଲାଭ କରିଛି, ତାହାକୁ ଆମେ ଏକ ଉତ୍ପାଦକ କମ୍ପାନୀ ବୋଲି କହିଥାଉ । ଉତ୍ପାଦକ କମ୍ପାନୀ ଅର୍ଥ ଏକ ବଡି ଅଫ୍ କର୍ପୋରେଟ୍ (Body of Corporate) ଯାହାର କି ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ସେକ୍ସନ ୫୮୧(ବି) (Section – 581 (B))ରେ ନିର୍ଦ୍ଧାରିତ ହୋଇଥାଏ ଏବଂ କମ୍ପାନିଜ ଆକ୍ଟ (Companies Act) ରେ ଉତ୍ପାଦକ କମ୍ପାନୀ ହିସାବରେ ପଞ୍ଜିକୃତ ହୋଇଥାଏ । |
| **ପାଟ୍ରୋନେଜ୍** | : | କୃଷକ ଉତ୍ପାଦକ ସଙ୍ଗଠନ ଏହାର ସଦସ୍ୟମାନଙ୍କୁ ଏହାର ବ୍ୟବସାୟ ପୃଷ୍ଠପୋଷକତା କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ପ୍ରଦାନ କରାଯାଇଥିବା ସେବା ଗୁଡିକର ବ୍ୟବହାର । |
| **ପିଜିଏସ୍ (PGS)** | : | ପାର୍ଟିସିପେଟୋରୀ ଗ୍ୟାରେଣ୍ଟି ସିଷ୍ଟମ (Participating Guarantee System (PGS)) ହେଉଛି ତୃତୀୟ ପକ୍ଷ ପ୍ରମାଣପତ୍ର ଯାହା କ୍ଷମତା ସମ୍ପର୍ଣ୍ଣ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ (କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର) ଦ୍ୱାରା ଦିଆଯାଇଥାଏ । ପାର୍ଟିସିପେଟାରୀ ଗ୍ୟାରେଣ୍ଟି ସିଷ୍ଟମ (PGS-India) ଗୁଣାତ୍ମକମାନର ସୁନିଶ୍ଚିତ ବ୍ୟବସ୍ଥା ଯାହା ସ୍ଥାନ ବିଶେଷରେ ଉପଯୋଗୀ ହୋଇଥାଏ ଏବଂ ସମସ୍ତ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କର ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଥାଏ । |
| **ଅଂଶଧନ** | : | କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟମାନେ ଅଂଶଧନ ବିନିଯୋଗ କରିବା ଦ୍ୱାରା ତାଙ୍କର ମାଲିକାନା ଥାଏ । |
| **ଅର୍ଥ ସ୍ଥଗିତ ରଖିବା** | : | କୃଷକ ଉତ୍ପାଦକ ସଙ୍ଗଠନଦ୍ରବ୍ୟ ଯୋଗାଣରେ ଦେବା ସମୟ ଅର୍ଥକୁ ସ୍ଥଗିତ ରଖିବା ଅର୍ଥ |

# କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ

ଏହି ପେଟିକାଟି କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା ଉପରେ ଆଧାରିତ । ନିମ୍ନରେ ବିଷୟ ଅନୁସାରେ କେତେଗୁଡିଏ ମୌଳିକ ପ୍ରଶ୍ନ ଦିଆଯାଇଛି । ଏହି ପ୍ରଶ୍ନଗୁଡିକ ଆମେ ନିଜକୁ ପଚାରିବା ଓ ଉତ୍ତର ଖୋଜି ବାହାର କରିବା । ମୌଳିକ ତଥ୍ୟ ସଂଗ୍ରହର ଉଦ୍ଦେଶ୍ୟ ହେଲା "କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା" ସଂପର୍କରେ ଅଧିକ ଜାଣିବା ସହିତ ବର୍ତ୍ତମାନର ସ୍ଥିତି ଏବଂ ସେ ସଂମ୍ପର୍କରେ ଆମର ବୁଝାମଣା ପ୍ରଶ୍ନ ମାଧ୍ୟମରେ ଜାଣିବା ।

୧ . କୃଷକ ଉତ୍ପାଦକ ସଙ୍ଗଠନର ମାଲିକ କିଏ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୨ . କେଉଁମାନେ କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟ ହୋଇପାରିବେ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୩. କୃଷକ ଉତ୍ପାଦକ ସଙ୍ଗଠନ ଓ ସଦସ୍ୟମାନଙ୍କ ମଧ୍ୟରେ କ'ଣ ସବୁ ବିନିମୟ ହୋଇଥାଏ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... .

୧

# କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସଦସ୍ୟତାର ଆବଶ୍ୟକତା

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସଦସ୍ୟତାର ଗୁରୁତ୍ୱକୁ ବୁଝିବା ସହ ସେମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ।**

**ବିଷୟବସ୍ତୁ**

**୧. ସଭ୍ୟସଭ୍ୟା – ଗୁରୁତ୍ୱ**

**୨. ସଦସ୍ୟ ଓ କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟରେ ବିନିମୟ**

**ଉପକ୍ରମ**

ପୂର୍ବ ପେଟିକାରେ କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଏବଂ ରୂପରେଖରେ ସଦସ୍ୟ, ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମଚାରୀ ହେଉଛନ୍ତି ୩ଟି ମୁଖ୍ୟ କାର୍ଯ୍ୟକାରିଣୀ। ସଦସ୍ୟମାନେ ହେଉଛନ୍ତି ଏହି ସଙ୍ଗଠନର ମୂଳଦୁଆ ଏବଂ ବୋର୍ଡ ଏବଂ କର୍ମଚାରୀମାନେ ସେମାନଙ୍କର ମଙ୍ଗଳ ପାଇଁ କାମ କରନ୍ତି ।

ଏହି ପେଟିକାରେ, ଆମ୍ଭେ କେତେଗୁଡିଏ ଦିଗ ଉପରେ ଆଲୋଚନା କରିଛୁ ସେଗୁଡିକ ହେଲା- ସଦସ୍ୟମାନଙ୍କର ଗୁରୁତ୍ୱ, ସେମାନଙ୍କର ମାଲିକାନା ଏବଂ ନିୟନ୍ତ୍ରଣ, ମୁଖ୍ୟ ବୈଶିଷ୍ଟ୍ୟ ଯଥା- ଅଧିକ ସଦସ୍ୟତା ପାଇଁ ପ୍ରବର୍ତ୍ତାଇବା, ସଦସ୍ୟକୈନ୍ଦ୍ରିକ, ସଦସ୍ୟ ଓ କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ଲାଭାଂଶରେ ସନ୍ତୁଳନ, ସଦସ୍ୟ ଓ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କ ମଧ୍ୟରେ ସଂପର୍କ। କୃଷକ ଉତ୍ପାଦକ ସଙ୍ଗଠନମାନଙ୍କ ପାଇଁ ସଦସ୍ୟମାନଙ୍କର ଅଧିକ ଆର୍ଥିକ ଦେଣନେଣର ଗୁରୁତ୍ୱ ବିଷୟରେ ଆଲୋଚନା କରିବା।

## କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟ

କୃଷକ ଉତ୍ପାଦକ ସଙ୍ଗଠନରେ ବ୍ୟବସାୟ ଆରମ୍ଭ ପୂର୍ବରୁ ଆମେ କେଉଁପ୍ରକାର ବ୍ୟବସାୟ କରିବା, କେଉଁମାନଙ୍କ ପାଇଁ କାମ କରିବା ଓ ଏହାର ଉଦ୍ଦେଶ୍ୟ ବିଷୟରେ ଜାଣିବା ନିହାତି ଦରକାର ।

**ସଙ୍ଗଠନର ପ୍ରକାର ସବୁବେଳେ ନିର୍ଭର କରେ:**

- ବ୍ୟବସାୟ କାହା ମାଲିକାନାରେ ଚାଲୁଛି ?
- କିଏ ବ୍ୟବସାୟକୁ ନିୟନ୍ତ୍ରଣ କରୁଅଛି ?
- କିଏ ବ୍ୟବସାୟକୁ ବ୍ୟବହାର କରୁଛି ?
- କିଏ ଏଥିରେ ଲାଭବାନ୍ ହେଉଛି ?

**ସଦସ୍ୟବୃନ୍ଦ**

- କୃଷକ ଉତ୍ପାଦକ ସଙ୍ଗଠନର ମାଲିକ
- ଉତ୍ପାଦକ ସଙ୍ଗଠନର ସେବା ବ୍ୟବହାରକାରୀ
- କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ନିୟନ୍ତ୍ରିତ
- ଏଥିପାଇଁ କୃଷକ ଉତ୍ପାଦନ ସଙ୍ଗଠନ ତିଷ୍ଠିଛି

**ବ୍ୟକ୍ତିଗତ ବ୍ୟବସାୟରେ :** ଜଣେ ବ୍ୟକ୍ତି ମାଲିକ, ନିୟନ୍ତ୍ରଣ, ପରିଚାଳନା କରିଥାଏ ଓ ବ୍ୟବସାୟରୁ ସୁବିଧା ବା ଲାଭ ପାଇଥାଏ। ଅଂଶୀଦାର ବ୍ୟବସାୟ କହିଲେ, ଦୁଇ କିମ୍ବା ଅଧିକ ବ୍ୟକ୍ତି ମାଲିକ, ନିୟନ୍ତ୍ରଣ, ପରିଚାଳନା କରିଥାନ୍ତି ଓ ଆଇନଗତ ପରିଚୟ ଥାଏ, ବିପତ୍ତିରେ ଭାଗୀଦାର ହେବା, ବିନିଯୋଗ ଅନୁଯାୟୀ ଲାଭାଂଶ ପାଇବା । ଆମର କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟ ଅଂଶିଦାରୀ ବ୍ୟବସାୟ କରିଥାଏ ।

(କ) ଆମେ ବହୁ ମାଲିକାନା ସଂପୃକ୍ତ।

(ଖ) ଆମ ସଭ୍ୟମାନଙ୍କ ଚାହିଦା ଅନୁଯାୟୀ ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ସେବା ଯୋଗାଇ ଦେଇଥାଉ।

(ଗ) ଆମ ସଭ୍ୟମାନେ ବିନିଯୋଗକାରୀ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା;

(ଘ) ସଭ୍ୟମାନେ କେବଳ କୃଷକ ଉତ୍ପାଦକ ସଙ୍ଗଠନର ମାଲିକ ନୁହଁନ୍ତି, ସେମାନେ କୃଷକ ଉତ୍ପାଦକ ସଙ୍ଗଠନର ଉପଭୋକ୍ତା।

ଏହା ଅର୍ଥ ଆମ ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନର ମୂଳଦୁଆ ଓ ଆମ ସଭ୍ୟମାନଙ୍କ ଯୋଗୁ କୃଷକ ଉତ୍ପାଦକ ସଙ୍ଗଠନର ଅସ୍ତିତ୍ୱ ଅଛି। ତେଣୁ କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥନୈତିକ, ସାମାଜିକ ବିକାଶ ପାଇଁ ସଭ୍ୟମାନେ କାମ କରନ୍ତି।

**ଆମ୍ଭେମାନେ ମାଲିକ, ଆମ୍ଭେମାନେ ବ୍ୟବହାରକାରୀ, ଆମ୍ଭେମାନେ ନିୟନ୍ତ୍ରଣକାରୀ, ଲାଭ କ୍ଷତି ଆମର**






ଏଫ ପି ଓ ର ସେବାର ଉପଯୋଗ- ବିହନ, ସାର, ଔଷଧ




**କେଉଁମାନେ ସବୁ ଏହାର ସଦସ୍ୟ ?**

ଉପବିଧି (ବାଇଲ) ଅନୁଯାୟୀ, ଯେ କୌଣସି ବ୍ୟକ୍ତି କୃଷକ ଉତ୍ପାଦକ ସଙ୍ଗଠନ ସେବା ବ୍ୟବହାର କରିବାକୁ ଇଚ୍ଛା କରନ୍ତି ଓ ସଦସ୍ୟ ହୋଇ ଦାୟିତ୍ୱ ନେବାକୁ ଆଗ୍ରହ ପ୍ରକାଶ କରନ୍ତି, କୃଷକ ଉତ୍ପାଦକ ସଙ୍ଗଠନର ଆଇନକାନୁନ/ନୀତିନିୟମ ମାନି ବାଇଲରେ ସୂଚୀତ ହୋଇଥିବା ସର୍ତ୍ତାବଳୀ ପୂରଣ କରୁଥିବେ ଏବଂ ଯିଏ ଅଂଶଧନ ଦେଇଥିବେ।

# ସଭ୍ୟ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟରେ ସମ୍ପର୍କ ଆଦାନପ୍ରଦାନ

ସଭ୍ୟ ଓ କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟରେ ସମ୍ପର୍କ ଓ ଭାବର ଆଦାନପ୍ରଦାନ ନିମ୍ନରେ ପ୍ରଦାନ କରାଗଲା ।

**ସଭ୍ୟ ଓ କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟରେ ଆଦାନପ୍ରଦାନର ନମୁନା**




ଏହି ଚିତ୍ରରୁ ସୂଚୀତ ଯେ, ସଭ୍ୟମାନେ ଅଂଶଧନ ଦେଇକରି କୃଷକ ଉତ୍ପାଦକ ସଙ୍ଗଠନର ମାଲିକ ଓ ସେମାନେ କୃଷକ ଉତ୍ପାଦକ ସଙ୍ଗଠନ ଯୋଗାଇ ଦେଉଥିବା ସେବା ପାଇବାର ଅଧିକାରୀ । କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟମାନଙ୍କୁ କମ୍ ମୂଲ୍ୟରେ ଓ ଉପଯୁକ୍ତ ସମୟରେ ଯୋଗାଇଦେବା ହେଉଛି କୃଷକ ଉତ୍ପାଦକ ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

## କୃଷକ ଉତ୍ପାଦକ ସଙ୍ଗଠନର ସାଧ୍ୟ ବ୍ୟବସାୟରେ ସଭ୍ୟମାନଙ୍କର ପ୍ରାଧାନ୍ୟତା

ଅଟୋରିକ୍ସା କଣ ଏକ ବ୍ୟବସାୟ ଯାହା ବିନା ଯାତ୍ରୀରେ ଗଡ଼ିଥାଏ ?

ଏହା କଣ ଏକ ପରିବା ଦୋକାନ ଯାହା ବିନା କ୍ରେତାଙ୍କ ଦ୍ୱାରା ପରିବା କିଣା ନଯାଇ ଚାଲିଥାଏ ?

ଏସବୁର ଉତ୍ତର ସ୍ପଷ୍ଟ ନାଁ

ତେଣୁ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟ ଯାହା ବିନା ସଭ୍ୟରେ ଚାଲିପାରେ ନାହିଁ, କାରଣ ସଭ୍ୟମାନେ ନିଜେ ନିଜେ କୃଷକ ଉତ୍ପାଦକ ସଙ୍ଗଠନର ଉପଭୋକ୍ତା ।

ଉଦାହରଣ– ସଦସ୍ୟମାନଙ୍କ ଚାହିଦା ଅନୁସାରେ କୃଷକ ଉତ୍ପାଦକ ସଙ୍ଗଠନ କୃଷି ଋତୁପାଇଁ ୧୦ କ୍ୟୁଣ୍ଟାଲ ବିହନ ପାଇଁ ଅଟକଳ ପ୍ରସ୍ତୁତ କରିଛନ୍ତି । କୃଷକ ଉତ୍ପାଦକ ସଙ୍ଗଠନ ସଦସ୍ୟମାନଙ୍କୁ ବିହନ ଯୋଗାଇ ଦେବା ପାଇଁ ଋଣ କରି ୧୦ କ୍ୱିଣ୍ଟାଲ୍ ବିହନ କିଣିଲା । ତେଣୁ ବିନା ମାଲିକାନାରେ, ସଂଗଠନ ନାହିଁ ଏବଂ ବିନା ଉପଭୋକ୍ତାରେ ବ୍ୟବସାୟ ସମ୍ଭବ ନୁହେଁ। ଉପଭୋକ୍ତାରେ ବ୍ୟବସାୟ ନାହିଁ କି ସଦସ୍ୟବିନା  କୃଷକ ଉତ୍ପାଦକ ସଙ୍ଗଠନର ପରିକଳ୍ପନା ବା ସ୍ଥାୟିତ୍ୱ ସମ୍ଭବ ନାହିଁ।

| କ୍ର.ନ. | ବିଶଦ୍ ବିବରଣୀ | ଏକକ | ଏକକ ସଂଖ୍ୟା |
|---|---|---|---|
| ୧ | ମିଲ୍‌ର ବାର୍ଷିକ ମୋଟ କ୍ଷମତା | କ୍ୱିଣ୍ଟାଲ | ୯୦୦୦ |
| **କଞ୍ଚାମାଲର ବିବରଣୀ** | | | |
| ୨ | ସଭ୍ୟଙ୍କ ହାରାହାରି ଜମିର ପରିମାଣ | ଏକର | ୨ |
| ୩ | ହାରାହାରି ଉତ୍ପାଦନ | କ୍ୱିଣ୍ଟାଲ/ ଏକର ପିଛା | ୪ |
| ୪ | ସଭ୍ୟ ପିଛା ମୋଟ୍ ଉତ୍ପାଦନ | କ୍ୟୁଣ୍ଟାଲ | ୮ |
| ୫ | କୃଷକ ଉତ୍ପାଦକ ସଙ୍ଗଠନକୁ ସଭ୍ୟମାନେ ଦେଉଥିବା ଦ୍ରବ୍ୟର ଶତକଡା ହିସାବ | ଶତକଡ଼ା | ୭୫% |
| ୬ | ସଭ୍ୟମାନଙ୍କ ଦ୍ୱାରା ଯୋଗାଇ ଦେଇଥିବା କଞ୍ଚାମାଲର ପରିମାଣ | କ୍ୟୁଣ୍ଟାଲ | ୬ |
| ୭ | ମିଲ୍‌ର କ୍ଷମତା ବ୍ୟବହାର ପାଇଁ ଆବଶ୍ୟକ ସଦସ୍ୟଙ୍କ ସଂଖ୍ୟା | ସଂଖ୍ୟା | ୧୫୦୦ |

ଆଲୋଚନାରୁ ଆମେ ସୁସ୍ପଷ୍ଟ ହେଲୁ ଯେ, କୃଷକ ଉତ୍ପାଦକ ସଙ୍ଗଠନର ଏକ ଡାଲି ମିଲ ଲାଭଜନକ ଭାବେ ଚାଲିବା ପାଇଁ ୧୫୦୦ ସଭ୍ୟ ଆବଶ୍ୟକ। ବର୍ତ୍ତମାନ୍ ଆମେ ତଳେ ଦିଆଯାଇଥିବା ସନ୍ଧିକର୍ତ୍ତା କୃଷକ ଉତ୍ପାଦକ ସଙ୍ଗଠନର ସୁସ୍ଥ ବ୍ୟବସାୟ ସମ୍ବନ୍ଧିତ ପ୍ରଶ୍ନଗୁଡିକ ଉପରେ ଚିନ୍ତା କରିବା ଆବଶ୍ୟକ। ଫଳାଫଳ କ'ଣ ହେବ ଯଦି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ୧୫୦୦ ସଭ୍ୟଙ୍କୁ ଯୋଗାଡ କରାଯାଇ ପାରିଲା ନାହିଁ ଏବଂ ଅଳ୍ପ କିଛି ସଭ୍ୟ କେବଳ କଞ୍ଚାମାଲ ଯୋଗାନ୍ତି ?

ଉପରୋକ୍ତ ଉଦାହରଣରୁ ଏହା ସୁସ୍ପଷ୍ଟ ଯେ, କୃଷକ ଉତ୍ପାଦକ ସଙ୍ଗଠନର ଲାଭଜନକ ବ୍ୟବସାୟ ପାଇଁ ଯଥେଷ୍ଟ ସଦସ୍ୟ ସେବା ଆବଶ୍ୟକ ଓ ସେମାନଙ୍କର ପୃଷ୍ଠପୋଷକତା ନିହାତି ଦରକାର। ଲାଭଜନକ କୃଷକ ଉତ୍ପାଦକ ସଙ୍ଗଠନ ବୟବସାୟ ପାଇଁ ମିଲ୍ ଓ ସଭ୍ୟମାନଙ୍କର ସମ୍ପୂର୍ଣ୍ଣ କ୍ଷମତା ବ୍ୟବହାର ହେବା ଆବଶ୍ୟକ ଓ ଏଥିପାଇଁ ଆବଶ୍ୟକ ସଭ୍ୟଙ୍କୁ ଯୋଗାଡ କରିବାକୁ ହେବ। ଫଳାଫଳ କ'ଣ ହେବ ଯଦି ମିଲ୍ ସ୍ଥାପନ ହେବାର କିଛି ବର୍ଷପରେ ୧୫୦୦ ସଭ୍ୟ  ଯୋଗାଡ ହୋଇପାରେ ?

୨

# ସଭ୍ୟମାନଙ୍କର ମାଲିକାନା ଓ ନିୟନ୍ତ୍ରଣ

## ଅଧିବେଶନ ଉଦ୍ଦେଶ୍ୟ



ସଭ୍ୟମାନଙ୍କ ମାଲିକାନା ଓ ନିୟନ୍ତ୍ରଣ ବିଷୟରେ ସଚେତନ ହେବେ ।
ସେମାନଙ୍କର ଦାୟିତ୍ୱବୋଧତା ବିଷୟରେ ଅବଗତ ହେବେ।

**ବିଷୟବସ୍ତୁ**

**୧. ସଭ୍ୟମାନଙ୍କର ମାଲିକାନାସତ୍ତ୍ୱ ଓ ନିୟନ୍ତ୍ରଣ**

**୨. ସଭ୍ୟମାନଙ୍କର ଦାୟିତ୍ୱବୋଧତା**

କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟମାନଙ୍କ ବିଷୟରେ ଆଗରୁ ଜାଣିଲେ ଯେ, କୃଷକ ଉତ୍ପାଦକ ସଙ୍ଗଠନ ଏକ ସଭ୍ୟ ପର୍ଯ୍ୟବେସିତ ନିଜସ୍ୱ ଅନୁଷ୍ଠାନ ଏବଂ ତାର ସଭ୍ୟଙ୍କ ଦ୍ୱାରା ନିୟନ୍ତ୍ରିତ। ବର୍ତ୍ତମାନ ଆସନ୍ତୁ ଦେଖିବା କୃଷକ ଉତ୍ପାଦକ ସଙ୍ଗଠନ କିପରି ତାର ନିଜସ୍ୱ ଓ ନିଜ ସଭ୍ୟଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ।

କୃଷକ ଉତ୍ପାଦକ ସଙ୍ଗଠନ ନିମ୍ନରେ ଦିଆଯାଇଥିବା ଉପାୟରେ ସଭ୍ୟମାନଙ୍କର ମାଲିକାନା ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ କାମ କରିଥାଏ।

**ସଭ୍ୟମାନେ ଏହିପରି ମାଲିକାନା ଜାହିର କରିଥାନ୍ତି**




ଅଂଶଧନ ପଇଠ କରି




କୃଷକ ଉତ୍ପାଦକ ସଙ୍ଗଠନରେ ପୁଞ୍ଜି ବିନିଯୋଗ କରି



କୃଷକ ଉତ୍ପାଦକ ସଙ୍ଗଠନର ସେବାକୁ ଉପଯୋଗ କରି

**ସଭ୍ୟମାନେ ଏହିପରି ନିୟନ୍ତ୍ରଣ ଜାରି କରିଥାନ୍ତି**


ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଚୟନ


ବୈଠକରେ ମତଦାନ


ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ

**ଚିତ୍ରର ବାର୍ତ୍ତା (୧) ସଭ୍ୟମାନେ ଏହିପରି ମାଲିକାନା ଜାହିର କରିଥାନ୍ତି**

- ଅଂଶଧନ ପଇଠ କରି
- କୃଷକ ଉତ୍ପାଦକ ସଙ୍ଗଠନରେ ପୁଞ୍ଜି ବିନିଯୋଗ କରି
- କୃଷକ ଉତ୍ପାଦକ ସଙ୍ଗଠନର ସେବାକୁ ଉପଯୋଗ କରି

**ଚିତ୍ରର ବାର୍ତ୍ତା (୨) ସଭ୍ୟମାନେ ଏହିପରି ନିୟନ୍ତ୍ରଣ ଜାରି କରିଥାନ୍ତି**

- ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଚୟନ
- ବୈଠକରେ ମତଦାନ
- ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ

## ଅଭ୍ୟାସ

ଆସନ୍ତୁ ଦେଖିବା, ଦୁଇଟି କୃଷକ ଉତ୍ପାଦକ ସଙ୍ଗଠନର ସଫଳ କାର୍ଯ୍ୟସବୁ କ'ଣ ଓ ଏହି କୃଷକ ଉତ୍ପାଦକ ସଙ୍ଗଠନମାନଙ୍କର ସଫଳ କାର୍ଯ୍ୟ କରିବା ସମ୍ବନ୍ଧରେ ଆଲୋଚନା କରିବା।

**କୃଷକ ଉତ୍ପାଦକ ସଙ୍ଗଠନ-୧** କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟ ଅଞ୍ଚଳରୁ ସମସ୍ତ ପ୍ରତିଭାସମ୍ପନ୍ନ ସଭ୍ୟମାନେ (ବାଇଲ ଲିଖିତ ଓ ନିବନ୍ଧକ ଅନୁମୋଦିତ) ଅଂଶଧନ ପ୍ରଦାନ କରି କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟ ହୋଇଗଲେ। ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନରେ ନିୟମିତ ମାସିକ ସଞ୍ଚୟ ମଧ୍ୟ କରୁଛନ୍ତି। କୃଷିଜାତ ଦ୍ରବ୍ୟ କିଣିବା ସମୟରେ କୃଷକ ଉତ୍ପାଦକ ସଙ୍ଗଠନ ଓ ସଭ୍ୟମାନଙ୍କ ପ୍ରାପ୍ୟରୁ ଶତକଡା ୧୦ ପ୍ରତିଶତ ଅର୍ଥ କାଟି ରଖିଥାନ୍ତି ଏବଂ ଯାହାକୁ ବ୍ୟବସାୟ ଚକ୍ର ଶେଷ ହେବା ପରେ ସବୁ ବ୍ୟବସାୟିକ ଖର୍ଚ୍ଚ ହିସାବନିକାଶ କରିବା ପରେ, ସଭ୍ୟଙ୍କୁ ଫେରାଇଥାନ୍ତି ।

**କୃଷକ ଉତ୍ପାଦକ ସଙ୍ଗଠନ-୨** ଏହି କୃଷକ ଉତ୍ପାଦକ ସଙ୍ଗଠନରେ ଅଳ୍ପ କେତେଜଣ କୃଷକ ଯୋଗ ଦେଇଛନ୍ତି ଏବଂ ସଭ୍ୟମାନେ ଅଳ୍ପ ପରିମାଣରେ ଅଧିକୃତ ଅଂଶଧନ କେବଳ ଦେଇଛନ୍ତି। ସଭ୍ୟ ସଞ୍ଚୟ କରିବା ଅଭ୍ୟାସ ନାହିଁ ଓ କୃଷକ ଉତ୍ପାଦକ ସଙ୍ଗଠନ ସଭ୍ୟଙ୍କ ପ୍ରାପ୍ୟରୁ କାଟି ରଖେ ନାହିଁ ।

ନିମ୍ନଲିଖିତ ଶୂନ୍ୟ ସ୍ଥାନରେ/କୋଠରୀରେ କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟମାନଙ୍କ ମାଲିକାନା ଓ ନିୟନ୍ତ୍ରଣ କେତେ ଅଛି ସେ ବିଷୟରେ ଲେଖନ୍ତୁ ।

| କୃଷକ ଉତ୍ପାଦକ ସଙ୍ଗଠନ-୧ | କୃଷକ ଉତ୍ପାଦକ ସଙ୍ଗଠନ-୨ |
|---|---|
| | |

## ସଭ୍ୟମାନଙ୍କର ଦାୟିତ୍ୱବୋଧତା

କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟମାନଙ୍କର କେବଳ ଅଧିକାର ନାହିଁ, ସେମାନଙ୍କର ଆବଶ୍ୟକତା ଅନୁସାରେ କିଛି ଦାୟିତ୍ୱ ତୁଲାଇବା ଦରକାର। ସଭ୍ୟମାନଙ୍କର ଦାୟିତ୍ୱ ନିମ୍ନରେ ପ୍ରଦତ୍ତ କରାଗଲା।

| ଉତ୍ସର୍ଗୀକରଣ ଏବଂ ବ୍ୟବହାର | ମାଲିକାନା ଓ ନିୟନ୍ତ୍ରଣ | ଅର୍ଥ |
|---|---|---|
| • ସେବାପ୍ରଦାନ କରିବା ପାଇଁ ଇଚ୍ଛାଶକ୍ତି<br>• ସେବାର ପ୍ରକୃତ ବ୍ୟବହାର | • ମୁଖ୍ୟ ନିଷ୍ପତ୍ତିରେ ମତଦାନ<br>• ନିର୍ଦ୍ଦେଶକମଣ୍ଡଳୀ ନିର୍ବାଚନରେ ସମର୍ଥନ ଓ ମତଦାନ<br>• ଗୁରୁତ୍ୱପୂର୍ଣ୍ଣ ଚୂଡ଼ାନ୍ତ ନିଷ୍ପତ୍ତିରେ ଅଂଶଗ୍ରହଣ | • ଅଂଶଧନ<br>• ସଞ୍ଚୟ<br>• ପୁଞ୍ଜି ବିନିଯୋଗ |








ଏହି ଆଲୋଚନାରୁ ଆମେ ସ୍ପଷ୍ଟ ହେଲୁ ଯେ ସଭ୍ୟମାନେ ଚଳିତ କୃଷି ଋତୁପାଇଁ ୧୦ କ୍ୱିଣ୍ଟାଲ ବିହନ ଯୋଗାଇବାକୁ ସମ୍ମତ ପ୍ରକାଶ କରନ୍ତି ଏବଂ କୃଷକ ଉତ୍ପାଦକ ସଙ୍ଗଠନରୁ ୧୦ କ୍ୱିଣ୍ଟାଲ ବିହନ ନେଇ ନିଜ ଜମିରେ ବିନିଯୋଗ କରନ୍ତି । ସଭ୍ୟମାନେ ମଧ୍ୟ ସାଧାରଣ ବୈଠକରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନଷ୍ପତ୍ତିରେ ଅଂଶଗ୍ରହଣ କରିବା ଦରକାର (ଉଦାହରଣ ସ୍ୱରୂପ; କେଉଁ ଅଡ଼ିଟରଙ୍କୁ ନିଯୁକ୍ତ କରିବେ) । ଏହା ମଧ୍ୟ ଜରୁରୀ ଯେ ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନକୁ ବିଭିନ୍ନ ପ୍ରକାର ଆର୍ଥିକ ଅନୁଦାନ କରିବା ।



## ଅଭ୍ୟାସ-୧ : କମଳପୁର କୃଷକ ଉତ୍ପାଦକ ସଂଗଠନ

ରମଣ ଓ ଶ୍ୟାମୁ ବିଭିନ୍ନ ସେବା ପାଇବା ପାଇଁ କମଳପୁର କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକୀୟ ଅଂଶଧନ ଦେଇ ସଭ୍ୟ ହେଲେ । ରମଣ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକ ପରିମାଣର ବିହନ ଓ ସାର ନେଇ କୃଷକ ଉତ୍ପାଦକ ସଂଗଠନକୁ ୨୫ କ୍ୱିଣ୍ଟାଲ ପରିବା ଯୋଗାଇଲା । ସେ ମଧ୍ୟ କୃଷକ ଉତ୍ପାଦକ ସଂଗଠନରୁ ଋଣ ନେଲା ଓ ବୀମା ମଧ୍ୟ କଲା । ଶ୍ୟାମୁ କୃଷକ ଉତ୍ପାଦକ ସଂଗଠନରୁ ୫୦ କ୍ୱିଣ୍ଟାଲ ପରିବା ଯୋଗାଇଲା, କିନ୍ତୁ ଅନ୍ୟ ସୁବିଧାଗୁଡ଼ିକୁ ଉପଭୋଗ କଲାନାହିଁ । ଉଭୟେ ବାର୍ଷିକ ସାଧାରଣ ବୈଠକ ଯୋଗଦେଇ ମତଦାନ କରନ୍ତି ଏବଂ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରନ୍ତି । ସେମାନେ ମଧ୍ୟ ବାର୍ଷିକ ବିବରଣୀ ପାଆନ୍ତି । ଏହି କୃଷକ ଉତ୍ପାଦକ ସଙ୍ଗଠନକୁ ଶାନ୍ତା ୨୫ କ୍ୱିଣ୍ଟାଲ ପରିବା ଯୋଗାନ୍ତି ଓ ସମସ୍ତ ସୁବିଧା ସୁଯୋଗକୁ ଉପଭୋଗ କରନ୍ତି । ମାତ୍ର ସେ କେବେ ହେଲେ ବାର୍ଷିକ ସାଧାରଣ ବୈଠକରେ ଯୋଗ ଦିଅନ୍ତି ନାହିଁ । ସେହିପରି ବାଲାୟା ନିଜ ଅଂଶଧନ ଦେଇ ସଦସ୍ୟତା ନେଇଥିଲେ । କୃଷକ ଉତ୍ପାଦକ ସଙ୍ଗଠନର କୌଣସି ସେବାକୁ ଉପଭୋଗ କରିନାହାଁନ୍ତି କିମ୍ୱା ବାର୍ଷିକ ବୈଠକରେ ଭାଗ ନେଇନାହାଁନ୍ତି ।

ବାର୍ଷିକ ସାଧାରଣ ବୈଠକ କରିବା ପୂର୍ବରୁ କୃଷକ ଉତ୍ପାଦକ ସଙ୍ଗଠନ ଅଯୋଗ୍ୟ ସଭ୍ୟମାନଙ୍କର ଚିଠା ପ୍ରସ୍ତୁତ କରିଥିଲେ, ଯେଉଁମାନେ ଆଲୋଚନାରେ ଅଂଶଗ୍ରହଣ ଓ ମତଦାନ କରିପାରିବେ ନାହିଁ । ସେହି ତାଲିକାର ବାଲାୟାଙ୍କ ନାମ ସହିତ ଅନ୍ୟ କେତେଜଣଙ୍କ ନାମ ପ୍ରକାଶ ପାଇଲା । ଏପରି ଅଯୋଗ୍ୟତା କାରଣସବୁ ହେଉଛି –

୧. ସଭ୍ୟମାନେ କୃଷକ ଉତ୍ପାଦକ ସଂଗଠନର ସୁବିଧା ସୁଯୋଗ ଉପଭୋଗ କରିନାହାନ୍ତି ।

୨. ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟଧାରାରେ ଭାଗ ନେଇନାହାନ୍ତି ।

୩. ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନର ବାର୍ଷିକ ସାଧାରଣ ବୈଠକରେ ଗତ ଦୁଇ ବର୍ଷ ହେଲା ଯୋଗ ଦେଇନାହାଁନ୍ତି ।

ବର୍ତ୍ତମାନ ରମଣ ଓ ଶ୍ୟାମୁ ଅନ୍ୟ ସଭ୍ୟମାନଙ୍କ ସହିତ ସେମାନଙ୍କର ମତଦାନ ଅଧିକାର ବ୍ୟବହାର କଲେ ଓ ସେବାସମୂହର ବ୍ୟବହାର ଆଧାରରେ ୪୦% ଲାଭ ସଭ୍ୟମାନଙ୍କୁ ପ୍ରଦାନ କରିବାର ନିଷ୍ପତ୍ତି ନେଲେ ।

ଦୟାକରି ଏହି ବିଷୟଗୁଡ଼ିକୁ ଆଲୋଚନା କରିବା:-

୧. ବାଲାୟା ଏବଂ ଅନ୍ୟ କିଛି ସଭ୍ୟ ବାର୍ଷିକ ସାଧାରଣ ବୈଠକରେ ଭାଗନେବାକୁ ଓ ଭୋଟ୍ ଦେବା ପାଇଁ ଅଯୋଗ୍ୟ ହେଲେ ?

୨. କୃଷକ ଉତ୍ପାଦକ ସଙ୍ଗଠନରେ କିଏ ନିଷ୍ପତ୍ତି ନିଅନ୍ତି ?

୩. ଉପରୋକ୍ତ ଉଦାହରଣ ଆଧାରରେ ସଭ୍ୟ ଓ କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟରେ ସମ୍ବନ୍ଧ କ'ଣ ତା'ର ଏକ ଚିଠା ପ୍ରସ୍ତୁତ କରନ୍ତୁ ।

୪. ବାଲାୟା ୪୦% ଲାଭାଂଶ ପାଇବାକୁ ଯୋଗ୍ୟ ହେବ କି ?

# ଅଭ୍ୟାସ-୨

କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା ପାଇଁ କେତେକ ପରିସ୍ଥିତି ନିମ୍ନରେ ପ୍ରଦାନ କରାଗଲା । ଦିଆଯାଇଥିବା ମାପ କାଠିରେ କୃଷକ ଉତ୍ପାଦକ ସଙ୍ଗଠନର ସ୍ତର କେଉଁଠି ତାହା ମାପନ୍ତୁ, ଚଳନୀୟ ଏବଂ ତାଠାରୁ କମ୍ ।

(୧) ବହୁତ ନିମ୍ନ (୨) ନିମ୍ନ (୩) ଚଳନୀୟ (୪) ଭଲ (୫) ବହୁତ ଭଲ

୧. କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରି ଅଞ୍ଚଳର ମୋଟ୍ ପ୍ରତିଭାସମ୍ପନ୍ନ ସଭ୍ୟମାନଙ୍କ ମଧ୍ୟରୁ ୮୦% ଜଣଙ୍କୁ କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟଭାବେ ନିଆଯାଇଛି ।

ମୂଲ୍ୟାୟନ ... ... ... ... ... ... ... ... ... ... ... ... ... ... ... ... ... ... ... ...

କ'ଣ ପଦକ୍ଷେପ ନେବେ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨. ଶ୍ୟାମଳା ରାମପୁର ଦୁଗ୍ଧ ଉତ୍ପାଦନ ସମବାୟ ସମିତିର ଜଣେ ସଭ୍ୟା । ସେ ସମିତିକୁ ଦୁଗ୍ଧ ଯୋଗାନ୍ତି ଏବଂ ସମିତିରୁ ଆବଶ୍ୟକୀୟ ଗୋପାଳନ ସେବା ଉପଭୋଗ କରନ୍ତି । କିନ୍ତୁ ସେ କେବେହେଲେ ପରିଚାଳନା ବୈଠକରେ ଯୋଗ ଦିଅନ୍ତି ନାହିଁ କିମ୍ବା ମତଦାନ କରନ୍ତି ନାହିଁ । ଶ୍ୟାମଳା କୃଷକ ଉତ୍ପାଦକ ସଙ୍ଗଠନର ଆଗକୁ ସଭ୍ୟା ହୋଇପାରିବେ କି ?

ମୂଲ୍ୟାୟନ ... ... ... ... ... ... ... ... ... ... ... ... ... ... ... ... ... ... ... ...

କ'ଣ ପଦକ୍ଷେପ ନେବେ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩. ବାଲାୟା ଏକ କାଜୁବାଦାମ କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟ । କିନ୍ତୁ ବାଲାୟା କେବେହେଲେ ତା'ର ନିଜର କାଜୁବାଦାମ ସମବାୟକୁ ଯୋଗାଇ ନାହିଁ । ସେ କ'ଣ ଆଗାମୀ ଦିନରେ ସଭ୍ୟ ହୋଇ ରହିପାରିବେ ?

ମୂଲ୍ୟାୟନ ... ... ... ... ... ... ... ... ... ... ... ... ... ... ... ... ... ... ... ...

କ'ଣ ପଦକ୍ଷେପ ନେବେ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୪. ଜୟାଦେବୀ ରଙ୍ଗପୁର ଦୁଗ୍ଧ ଉତ୍ପାଦନ ସମବାୟ ସମିତିର ଜଣେ ସଭ୍ୟା । ସେ ସମିତିକୁ ନିୟମିତ ଦୁଗ୍ଧ ଯୋଗାନ୍ତି ଏବଂ ସମିତିରୁ ସମସ୍ତ ସୁବିଧା ଉପଭୋଗ କରନ୍ତି । ସେ ମଧ୍ୟ ବାର୍ଷିକ ସାଧାରଣ ବୈଠକରେ ଯୋଗଦେଇ ମତଦାନ ଓ ଅନ୍ୟ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି । ସେ ସମବାୟ ସମିତିରେ ଆଗାମୀ ବର୍ଷ ପାଇଁ ସଭ୍ୟ ହୋଇ ରହିବେକି ?

ମୂଲ୍ୟାୟନ ... ... ... ... ... ... ... ... ... ... ... ... ... ... ... ... ... ... ... ...

କ'ଣ ପଦକ୍ଷେପ ନେବେ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୫. ଦୁଗ୍ଧ ଉତ୍ପାଦନ ସମିତିର ୬୦୦୦ ସଭ୍ୟଙ୍କ ମଧ୍ୟରୁ ୫୦% (୩୦୦୦) ଅତି କମ୍‌ରେ ବାର୍ଷିକ ୧୮୦ ଲିଟର କ୍ଷୀର ଯୋଗାଇଥାନ୍ତି ?

ମୂଲ୍ୟାୟନ ... ... ... ... ... ... ... ... ... ... ... ... ... ... ... ... ... ... ... ...

କ'ଣ ପଦକ୍ଷେପ ନେବେ ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୬. ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ ସାଧାରଣତଃ ଅନ୍ତତଃ ୮୦% ସଭ୍ୟ ସାଧାରଣ ବୈଠକରେ ନିୟମିତ ଭାବରେ ଯୋଗ ଦିଅନ୍ତି ।

ମୂଲ୍ୟାୟନ … … … … … … … … … … … … … … … … … … … …

କ'ଣ ପଦକ୍ଷେପ ନେବେ … … … … … … … … … … … … … … … … … … … … … … … … … … … … … … ..

୭. ଅନ୍ୟ ଏକ କୃଷକ ଉତ୍ପାଦକ ସଙ୍ଗଠନରେ ୨୦% ପରିଷଦର ସଭ୍ୟ ନିଷ୍ପତ୍ତି ଗ୍ରହଣରେ ଭାଗ ନିଅନ୍ତି ?

ମୂଲ୍ୟାୟନ … … … … … … … … … … … … … … … … … … … …

କ'ଣ ପଦକ୍ଷେପ ନେବେ … … … … … … … … … … … … … … … … … … … … … … … … … … … … … … ..

୮. ଏକ ତୃତୀୟାଂଶ ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନରୁ ୨ ବର୍ଷ ପରେ ତାଙ୍କ ସଦସ୍ୟତା ପ୍ରତ୍ୟାହାର କରିନିଅନ୍ତି ।

ମୂଲ୍ୟାୟନ … … … … … … … … … … … … … … … … … … … …

କ'ଣ ପଦକ୍ଷେପ ନେବେ … … … … … … … … … … … … … … … … … … … … … … … … … … … … … … ..

୯. ସଭ୍ୟମାନଙ୍କ ଚାହିଦା ଅନୁସାରେ, କୃଷକ ଉତ୍ପାଦକ ସଙ୍ଗଠନ ୧୦୦ ବ୍ୟାଗ୍ ସାର ଆଣିଲେ । କିନ୍ତୁ ବାସ୍ତବରେ ୧୦୦ ବ୍ୟାଗ୍ ପରିବର୍ତ୍ତେ ସଭ୍ୟମାନେ ମାତ୍ର ୪୦ ବ୍ୟାଗ୍ ସାର ନେଲେ ।

ମୂଲ୍ୟାୟନ … … … … … … … … … … … … … … … … … … … …

କ'ଣ ପଦକ୍ଷେପ ନେବେ … … … … … … … … … … … … … … … … … … … … … … … … … … … … … … ..

## ଅଭ୍ୟାସ-୩

ଉପର ଆଲୋଚିତ ସମସ୍ତ ସୂଚକାଙ୍କ ଆଧାରରେ ଆମ କୃଷକ ଉତ୍ପାଦକ ସଙ୍ଗଠନର ମାଲିକାନା ଓ ନିୟନ୍ତ୍ରଣ ସଭ୍ୟମାନଙ୍କ ଦ୍ୱାରା କେତେ ପରିମାଣରେ ହୋଇଥାଏ ?

… … … … … … … … … … … … … … … … … … … … … … … … … … … … … … … … … … … … ..

… … … … … … … … … … … … … … … … … … … … … … … … … … … … … … … … … … … … ..

… … … … … … … … … … … … … … … … … … … … … … … … … … … … … … … … … … … … ..

… … … … … … … … … … … … … … … … … … … … … … … … … … … … … … … … … … … … ..

୩

# ସଦସ୍ୟତାର ମୁଖ୍ୟ ବୈଶିଷ୍ଟ୍ୟସମୂହ

## ଅଧିବେଶନ ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତାର ବିଭିନ୍ନ ବୈଶିଷ୍ଟ୍ୟ ବିଷୟରେ ଜାଣିବେ ।

## ବିଷୟବସ୍ତୁ

୧. ସଭ୍ୟଙ୍କୁ ପ୍ରଭାବିତ/ଅନୁପ୍ରାଣିତ କରିବା

୨. ସଭ୍ୟ କୈନ୍ଦ୍ରିକିତା

୩. କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ଓ ସଭ୍ୟ ସ୍ତରରେ ସୁବିଧାସବୁର ସନ୍ତୁଳିତ କରିବା; ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ

୪. ସଭ୍ୟମାନଙ୍କ ମଧ୍ୟରେ ସୁସଂପର୍କ ବଜାୟ ରଖିବା

ସଭ୍ୟମାନଙ୍କ ଗୁରୁତ୍ୱ, କୃଷକ ଉତ୍ପାଦକ ସଙ୍ଗଠନରେ ମାଲିକାନା ଓ ନିୟନ୍ତ୍ରଣ ବିଷୟରେ ଜାଣିଲା ପରେ, ବର୍ତ୍ତମାନ ନିମ୍ନରେ ସଭ୍ୟମାନଙ୍କ ବିଭିନ୍ନ ବୈଶିଷ୍ଟ୍ୟ ବିଷୟ ପ୍ରଦତ୍ତ କରାଗଲା ।

- ସଭ୍ୟମାନଙ୍କୁ ପ୍ରଭାବିତ କରିବା
- ସଭ୍ୟ କୈନ୍ଦ୍ରିକତା
- କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ଓ ସଭ୍ୟସ୍ତରରେ, ସୁବିଧାସବୁର ସନ୍ତୁଳିତ କରିବା; ସ୍ୱଳ୍ପ ମିଆଦୀ, ଦୀର୍ଘମିଆଦୀ
- ସଭ୍ୟମାନଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା

ଚାଲ ଏଠାରେ ବୈଶିଷ୍ଟ୍ୟଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଆଲୋଚନା କରିବା

## ୩.୧ ସଭ୍ୟମାନଙ୍କୁ ପ୍ରବର୍ତ୍ତାଇବା

କୃଷକ ଉତ୍ପାଦକ ସଙ୍ଗଠନର ସାଧତା ଓ ଦୀର୍ଘସ୍ଥାୟିତ୍ୱ ପାଇଁ ଅଧିକରୁ ଅଧିକ ସଦସ୍ୟ ଯୋଗାଡ କରିବା ଅତି ଜରୁରୀ ଓ ସେମାନଙ୍କୁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ବିଷୟରେ ଜଣାଇ ସେମାନଙ୍କୁ ରଖିବା ଯେହେତୁ ସେମାନେ ହେଉଛନ୍ତି ଉପଭୋକ୍ତା। ଆମ କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା ଏପରି ହେବା ଉଚିତ୍ ଯେ, ଆମେ ତାଙ୍କୁ ପ୍ରଭାବୀ ସେବା ଦେଇ ପାରିବା ଓ ତତ୍ ସହିତ କୃଷକ ଉତ୍ପାଦକ ସଙ୍ଗଠନର ଶାସନ ଓ ପରିଚାଳନାରେ ସଭ୍ୟଙ୍କ ପ୍ରଭାବୀ ସହଭାଗୀତା ପାଇଁ ଆମ ପାଖରେ ଉପାୟ ଅଛି। ସଭ୍ୟଙ୍କୁ ପ୍ରବର୍ତ୍ତାଇବା ୩ଟି ସ୍ତରରେ ହୋଇଥାଏ ଯାହା ନିମ୍ନରେ ଦିଆଯାଇଛି।

ଚିତ୍ର ୨ : ସଭ୍ୟମାନଙ୍କୁ ପ୍ରବର୍ତ୍ତାଇବା




- ସଭ୍ୟ ଗ୍ରହଣ – କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକାରୀ ଅଞ୍ଚଳର ସମସ୍ତ ପ୍ରତିଭାସମ୍ପନ୍ନ ସଭ୍ୟ – ସଦସ୍ୟତା ଯୋଗ୍ୟତା ମାନଦଣ୍ଡ  ଅଂଶଧନ ଯୋଗାଡ।
- ସକ୍ରିୟ ସଭ୍ୟ – ସଦସ୍ୟତା ଜାରି ରଖିବା ପାଇଁ ଅତିକମ୍ ମାନଦଣ୍ଡ ପୂରଣ କରୁଥିବେ– ୧୦୦% ସକ୍ରିୟ ସଦସ୍ୟ ରହିବା ଦରକାର ଏବଂ ସଭ୍ୟଙ୍କୁ ପାଖରେ ରଖିବା ।
- ପୂର୍ଣ୍ଣ ସଭ୍ୟ ପୃଷ୍ଟପୋଷକତା – ଯେଉଁମାନେ ସମସ୍ତ ସେବା ଉପଭୋଗ କରୁଥିବେ, ଅତିକମ୍‌ରେ ସଦସ୍ୟତା ବଜାୟ ରଖିବା ପାଇଁ ଯୋଗ୍ୟତା ଥିବ, ସେମାନେ ସକ୍ରିୟଭାବେ ବୈଠକରେ ଯୋଗ ଦେଉଥିବେ, ମତଦାନ କରୁଥିବେ ଏବଂ ନିଷ୍ପତ୍ତି ନେବାରେ ଭାଗ ନେଇପାରୁଥିବେ।

ଏହି ଆଲୋଚନାରୁ ଜାଣିଲୁ ଯେ କୃଷକ ଉତ୍ପାଦକ ସଙ୍ଗଠନରେ ଅଂଶୀଦାର ସଂଗ୍ରହ କରିବା ବଡ଼ କଥା ନୁହେଁ। କୃଷକ ଉତ୍ପାଦକ ସଙ୍ଗଠନ ଚାଲିବା ପାଇଁ ସଭ୍ୟମାନେ ସକ୍ରିୟ ହେବା ଉଚିତ୍ ଯଥା; ଅନ୍ତତଃପକ୍ଷେ କୃଷକ ଉତ୍ପାଦକ ସଙ୍ଗଠନରୁ ନିର୍ଦ୍ଧାରିତ ସେବା ନେଉଥିବ, ଉଦାହରଣ ସ୍ୱରୂପ; ଅତିକମ୍‌ରେ କୃଷକ ଉତ୍ପାଦକ ସଙ୍ଗଠନକୁ ୧୮୦ ଲିଟର କ୍ଷୀର ବର୍ଷକ ମଧ୍ୟରେ ଦୁଗ୍ଧ ଉତ୍ପାଦନ ସମବାୟ ସମିତିକୁ ଯୋଗାଇବେ, ଯାହାକି କୃଷକ ଉତ୍ପାଦକ ସଙ୍ଗଠନ ନିୟମ ଅନ୍ତର୍ଭୁକ୍ତ। କୃଷକ ଉତ୍ପାଦକ ସଙ୍ଗଠନ ସ୍ଥାୟୀତ୍ୱ ପାଇଁ ସଭ୍ୟମାନେ ପୂର୍ଣ୍ଣମାତ୍ରାରେ ବୈଠକରେ ଯୋଗ ଦେବା ଓ ନିଷ୍ପତ୍ତିରେ ଭାଗନେବା ଓ ଭୋଟ୍ ଦେବା ଏକାନ୍ତ ଦରକାର।

ସମସ୍ତ ୩ଟି ସ୍ତରରେ ସଭ୍ୟମାନଙ୍କୁ ପ୍ରବର୍ତ୍ତାଇବା ନିର୍ଦ୍ଦେଶକମଣ୍ଡଳୀର ମୁଖ୍ୟ ଦାୟିତ୍ୱ ଅଟେ। ଏଥିପାଇଁ ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟତାର ଜାରି ରଖିବା ବ୍ୟତୀତ ସଭ୍ୟମାନଙ୍କର ସଂପୂର୍ଣ୍ଣ ପୃଷ୍ଟପୋଷକତା ପାଇଁ ବିଭିନ୍ନ ସେବାର ବ୍ୟବସ୍ଥା କରିବା, ନିୟମିତ ଓ ଉପଯୁକ୍ତ ପରିଷଦ ସଭା, ନିର୍ବାଚନ ଓ ନିଷ୍ପତ୍ତି ଗ୍ରହଣ କରିବା ଇତ୍ୟାଦି ନିଶ୍ଚିତ କରିବା ଦରକାର।

ନିର୍ଦ୍ଦେଶକମଣ୍ଡଳୀ ମଧ୍ୟ ନିଶ୍ଚିତ କରିବା ଦରକାର ଯେ, ସଭ୍ୟମାନଙ୍କୁ ସମୟାନୁକ୍ରମେ କର୍ମଚାରୀ କିମ୍ବା ସହଯୋଗୀ ଅନୁଷ୍ଠାନ ଦ୍ୱାରା ସଦସ୍ୟଙ୍କୁ ଦିଆଯାଇଛି, ଯାହାଫଳରେ ସେମାନଙ୍କୁ ସମସ୍ତ ୩ଟି ସ୍ତରରେ ପ୍ରବର୍ତ୍ତାଇ ହେବ।

**ଆଲୋଚନା ପାଇଁ କେତେକ ପ୍ରଶ୍ନ**

୧. ତୁମ ଅଞ୍ଚଳର ପ୍ରତିଭାସମ୍ପନ୍ନ ଓ ଯୋଗ୍ୟ କୃଷକମାନେ ଅଧିକମାତ୍ରାରେ କୃଷକ ଉତ୍ପାଦକ ସଙ୍ଗଠନ ଯୋଗଦାନ କରିଛନ୍ତି କି ?

୨. ଅଧିକାଂଶ ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନରେ ସକ୍ରିୟ ସଭ୍ୟ ଅଟନ୍ତି କି ?

୩. କୃଷକ ଉତ୍ପାଦକ ସଙ୍ଗଠନରେ ସକ୍ରିୟ ସଭ୍ୟସମୂହ କେତେଜଣ ସଭ୍ୟ ଅନ୍ୟାନ୍ୟ ସେବା ନେଉଛନ୍ତି ଓ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନିଅନ୍ତି ?

## ସଭ୍ୟଙ୍କ କୈନ୍ଦ୍ରିକତା

ଆଲୋଚନା ପାଇଁ ପ୍ରଶ୍ନ : ଯଦି କୃଷକ ଉତ୍ପାଦକ ସଙ୍ଗଠନ ସବୁ ସମୟରେ ତା'ର ସମସ୍ତ ସଭ୍ୟମାନଙ୍କୁ ସୀମିତ ସେବା ଯୋଗାଇବାକୁ ସମର୍ଥ ହୁଏ ?

ଅନ୍ୟ ସେବା ପ୍ରଦାନକାରୀଙ୍କ ତୁଳନାରେ କୃଷକ ଉତ୍ପାଦକ ସଙ୍ଗଠନ ତା'ର ସଭ୍ୟମାନଙ୍କ ଅତି ନିକଟତର ଅଟେ କାରଣ ସଭ୍ୟମାନେ ହେଉଛନ୍ତି କୃଷକ ଉତ୍ପାଦକ ସଙ୍ଗଠନର ଉପଭୋକ୍ତା। ଉଦାହରଣ ସ୍ୱରୂପ; ଯଦି ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ଚିନାବାଦାମ କିଣୁଥାଏ, ତା'ହେଲେ ଅଞ୍ଚଳର ଅନ୍ୟ କ୍ରେତା ବା ବ୍ୟବସାୟୀଙ୍କ ତୁଳନାରେ ଅଧିକ କ୍ରୟ କରିବା ଦରକାର।

ଏହାର ଅର୍ଥ ହେଉଛି, ଯଦି ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ନିୟମିତ ଓ ଗୁଣାତ୍ମକଭାବେ ସଭ୍ୟମାନଙ୍କର ଅନ୍ତତଃପକ୍ଷେ ୫୦% ଆବଶ୍ୟକତା ପୂରଣ ପାଇଁ ସେବା ଯୋଗାଇଥାଏ। ଯାହା ଫଳରେ କୌଣସି ଅନ୍ୟ ସେବା ପ୍ରଦାନକାରୀଙ୍କ ଠାରୁ ଅଧିକ, ତା'ହେଲେ ଆମେ କହିପାରିବା ଯେ କୃଷକ ଉତ୍ପାଦକ ସଙ୍ଗଠନ ସଭ୍ୟମାନଙ୍କର ନିକଟତର ଅଟେ।

ସଭ୍ୟ କୈନ୍ଦ୍ରିକତା କହିଲେ ସଭ୍ୟମାନଙ୍କର ଆବଶ୍ୟକତା ପାଇଁ କୃଷକ ଉତ୍ପାଦକ ସଙ୍ଗଠନ ସେବାସବୁ କେତେ ଗୁରୁତ୍ୱପୂର୍ଣ୍ଣ ବା ପ୍ରାସଙ୍ଗିକ ଅଟେ। ଯଦି କୃଷକ ଉତ୍ପାଦକ ସଙ୍ଗଠନରେ ସେବାସବୁ ସଭ୍ୟମାନଙ୍କ ପ୍ରଯୁଜ୍ୟ ଓ ନିକଟତର, ତା'ହେଲେ ସଭ୍ୟମାନଙ୍କ ପାଇଁ କୃଷକ ଉତ୍ପାଦକ ସଙ୍ଗଠନ ବହୁତ ଭଲ।

## ସଭ୍ୟ କୈନ୍ଦ୍ରିକତାର ଉଦାହରଣ

ଅନନ୍ତ କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟମାନଙ୍କର ମୁଖ୍ୟ ଫସଲ ହେଲା ଚିନାବାଦାମ। କୃଷକ ଉତ୍ପାଦକ ସଙ୍ଗଠନର ସେହି ସଭ୍ୟଙ୍କ ହାରାହାରି ହିସାବ ନିମ୍ନରେ ଦିଆଯାଇଛି।

ମୂଲ୍ୟ ବିନିଯୋଗ = ଟ. ୧୨,୦୦୦ (ବିହନ, ସାର, କୀଟନାଶକ ଔଷଧ ସହିତ)ପ୍ରତି ଏକର ପିଛା

ଉତ୍ପାଦନ ମୂଲ୍ୟ = ଟ. ୨୪,୦୦୦ (ଏକର ପିଛା ୬ କ୍ୱିଣ୍ଟାଲ; ଦର କ୍ୱିଣ୍ଟାଲ ପିଛା ୪,୦୦୦ ଟଙ୍କା)

କୃଷକ ଉତ୍ପାଦକ ସଙ୍ଗଠନ ଠାରୁ ପାଇଥିବା ମୋଟ ସେବାର ମୂଲ୍ୟ = ଟ. ୩୬,୦୦୦ (ଏକର ପିଛା)

କୃଷକ ଉତ୍ପାଦକ ସଙ୍ଗଠନ ନେଇଥିବା ମୋଟ ବିନିଯୋଗର ପରିମାଣ = ଟ. ୮,୦୦୦ (ବିହନ ଓ ସାର ପାଇଁ)

ମୋଟ ଉତ୍ପାଦରୁ କୃଷକ ଉତ୍ପାଦକ ସଙ୍ଗଠନକୁ ୪ କ୍ୱିଣ୍ଟାଲ ବିକ୍ରି = ଟ. ୧୬,୦୦୦

ତେଣୁ କୃଷକ ଉତ୍ପାଦକ ସଙ୍ଗଠନଠାରୁ  ପାଇଥିବା ମୋଟ ସେବାର ମୂଲ୍ୟ = ଟ. ୨୪,୦୦୦ (୮,୦୦୦+୧୬,୦୦୦)

ତେଣୁ ଦୁଇ ତୃତୀୟାଂଶ ୬୬% (୩୬,୦୦୦ରୁ ୨୪,୦୦୦)ର ମୋଟ ସେବାର ଆବଶ୍ୟକ ଯାହାକି କୃଷକ ଉତ୍ପାଦକ ସଙ୍ଗଠନ ଠାରୁ ଗ୍ରହଣ କରାଯାଇଥିଲା, ଯାହା ଉଚ୍ଚ ସଭ୍ୟ କୈନ୍ଦ୍ରିକତା ଅଟେ।



# ଅଭ୍ୟାସ –୨

କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟ କୈନ୍ଦ୍ରିକତାର କେତୋଟି ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା। କୈନ୍ଦ୍ରିକତା ଉପରେ ଉପରୋକ୍ତ ଆଲୋଚନା ଆଧାରରେ, ଆମକୁ ପ୍ରତ୍ୟେକ ଘଟଣା ଉପରେ ଉତ୍ତର ଦେବାକୁ ହେବ ଯେ, ନିର୍ଦ୍ଦିଷ୍ଟ କୈନ୍ଦ୍ରିକତା ଅଛି ନା ନାହିଁ । ଆଉ ମଧ୍ୟ ପ୍ରତି ଉତ୍ତରର ବ୍ୟାଖ୍ୟା ଦେବାକୁ ହେବ।

୧.୧ ଜଣେ କୃଷକ ତାର ମୋଟ ଜମି ୨.୫ ଏକରରୁ ୨ ଏକର ଜମିରେ କପା ଚାଷ କରନ୍ତି। ଏହା ତାଙ୍କ ପରିବାରର ମୁଖ୍ୟ ଆୟ ଅଟେ। ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ତା'ର ବ୍ୟବସାୟ ମାଧ୍ୟମରେ କପା ଚାଷ ପାଇଁ ବିହନ, ସାର, ଋଣ, କିଣାବିକା, ଦ୍ରବ୍ୟର ମୂଲ୍ୟଯୁକ୍ତ ଓ କପା ବିକିବା ପାଇଁ ବଜାର ସୃଷ୍ଟି କରବା ପାଇଁ ସେହି ଅଞ୍ଚଳରେ ଆଗେଇ ଆସିଛି। ସେହି କୃଷକ ଜଣକ ଏହି କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟ ହିସାବରେ ଯୋଗ ଦେବା ପାଇଁ ଆଗ୍ରହୀ ହେବେ କି ?

ଉତ୍ତର ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ବ୍ୟାଖ୍ୟା ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...... ... ... ... ... .

୧.୨ ଉପରୋକ୍ତ ଘଟଣାରେ, ଉଦାହରଣ ସ୍ୱରୂପ, ୫ ବର୍ଷପରେ ଯଦି କପା ତୁଳନାରେ ସୋୟାବିନ୍ ଆୟର ମୁଖ୍ୟ ଉତ୍ସ ହୁଏ, ତେବେ କଣ କୃଷକ ଉତ୍ପାଦକ ସଙ୍ଗଠନ ସୋୟାବିନର୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷକ ଉତ୍ପାଦକ ସଙ୍ଗଠନ ତା'ର ସେବାରେ ପରିବର୍ତ୍ତନ କରିବା ଉଚିତ୍ କି ?

ଉତ୍ତର ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ବ୍ୟାଖ୍ୟା ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...... ... ... ... ... .

୧.୩ ଅନ୍ୟ ଏକ ଘଟଣାରେ ସେହି ଅଞ୍ଚଳରେ ଅଧିକାଂଶ କୃଷକମାନଙ୍କର ଜୀବିକାର ମୁଖ୍ୟ ଉତ୍ସ ଧାନ, ଯେତେବେଳେ କି ଦୁଧିଆଳୀ ଗାଈଙ୍କ ସଂଖ୍ୟା ବହୁତ କମ୍। ସେ ଯାହା ହେଉନା କାହିଁକି, ସେ ଅଞ୍ଚଳରେ ଗୋଟିଏ ଦୁଗ୍ଧ ସମବାୟ ଗଠନ କରିବା ପାଇଁ ପ୍ରସ୍ତାବ ହୋଇଛି। କୃଷକ ଉତ୍ପାଦକ ସଙ୍ଗଠନ କଣ ସେହି ଅଞ୍ଚଳରେ ସଭ୍ୟ କେନ୍ଦ୍ରିକତା ହୋଇ ପାରିବ କି ?

ଉତ୍ତର ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

ବ୍ୟାଖ୍ୟା ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ...... ... ... ... ... .

# ଅଭ୍ୟାସ -୨

ଆସନ୍ତୁ ଆମ କୃଷକ ଉତ୍ପାଦକ ସଙ୍ଗଠନର ଆମ ସଭ୍ୟମାନଙ୍କୁ ସେବାପ୍ରଦାନର ନିମ୍ନରେ ଦିଆଯାଇଥିବା ବିଭିନ୍ନ ଦିଗ ଅନୁସାରେ ଆକଳନ କରିବା

| କ୍ର. ସଂ. | ବିଷୟ | ବର୍ତ୍ତମାନର ସ୍ଥିତି |
|---|---|---|
| ୧. | କେତେ ଜଣ ସଭ୍ୟ ଉପଭୋକ୍ତା ହିସାବରେ ସେବା ପାଉଛନ୍ତି | |
| ୨. | ସଭ୍ୟମାନଙ୍କୁ ଯୋଗାଇ ଦିଆଯାଉଥିବା ସେବାର ମୂଲ୍ୟ | |
| ୩. | ଏକର ପିଛା ସଭ୍ୟମାନଙ୍କୁ ଯୋଗାଇ ଦେଉଥିବା ସେବାର ମୂଲ୍ୟ (ବିହନ,ସାର ଇତ୍ୟାଦି) | |
| ୪. | ଏକର ପିଛା ଆଦାୟର ମୂଲ୍ୟ | |
| ୫. | ସେବାର ମୋଟ ମୂଲ୍ୟ | |
| ୬. | ମୋଟ ଖର୍ଚ୍ଚରୁ କୃଷକ ଉତ୍ପାଦକ ସଙ୍ଗଠନରୁ ନେଇଥିବା ଅର୍ଥ | |
| ୭. | ମୋଟ ଉତ୍ପାଦନର କେତେ ପରିମାଣ କୃଷକ ଉତ୍ପାଦକ ସଙ୍ଗଠନକୁ ବିକ୍ରି କରିଛନ୍ତି | |
| ୮. | କୃଷକ ଉତ୍ପାଦକ ସଙ୍ଗଠନରୁ ମୋଟ ସେବାର ମୂଲ୍ୟ | |
| ୯. | କୃଷକ ଉତ୍ପାଦକ ସଙ୍ଗଠନରୁ ଆବଶ୍ୟକତାର ଶତକଡା କେତେ ଭାଗ ସେବା ନେଇଛନ୍ତି | |
| ୧୦. | ସଭ୍ୟ କୈନ୍ଦ୍ରିକତା (ଅଧିକ/କମ୍) | |

ଆସନ୍ତୁ ଆକଳନ କରିବା ଯେ, ଅନ୍ୟ ସେବା ପ୍ରଦାନକାରୀ ତୁଳନାରେ ଆମ କୃଷକ ଉତ୍ପାଦକ ସଙ୍ଗଠନ ସଭ୍ୟ କୈନ୍ଦ୍ରିକ ନା ନୁହେଁ ଯଦି ନୁହେଁ ତା'ହେଲେ କି ପ୍ରକାର କାର୍ଯ୍ୟକ୍ରମ କରିଲେ ଆମ କୃଷକ ଉତ୍ପାଦକ ସଙ୍ଗଠନରେ ଅଧିକ ସଭ୍ୟ କୈନ୍ଦ୍ରିକ ହୋଇପାରିବ ?

# ସଭ୍ୟ ସ୍ତରରେ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ସୁବିଧାସୁଯୋଗର ସନ୍ତୁଳନ ରକ୍ଷା କରିବା

ଏହି ଭାଗରେ, ଆମେ ସଭ୍ୟ ସ୍ତରରେ ଓ କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ, ଦୀର୍ଘମିଆଦୀ ଏବଂ ସ୍ୱଳ୍ପମିଆଦୀ, ସୁବିଧାସୁଯୋଗର ଭାରସାମ୍ୟ ରକ୍ଷାକରିବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବିଷୟରେ ଆଲୋଚନା କରିବା। ଯେତେବେଳେ କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଉଦ୍ଦେଶ୍ୟ ହେଲା ସେମାନଙ୍କର ସଦସ୍ୟମାନଙ୍କୁ ସୁବିଧାସୁଯୋଗ ଉପଲବ୍ଧ କରାଇବା ଏବଂ ଏହା ସହିତ କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ଆବଶ୍ୟକୀୟ ସୁବିଧାସୁଯୋଗ ମଧ୍ୟ ନିଶ୍ଚିତ କରିବା ଆବଶ୍ୟକ। କୃଷକ ଉତ୍ପାଦକ ସଙ୍ଗଠନର ସୁବିଧାସୁଯୋଗ ନାହିଁ – କୃଷକ ଉତ୍ପାଦକ ସଙ୍ଗଠନ ଚାଲି ପାରିବ ନାହିଁ– ଆବଶ୍ୟକୀୟ ସେବାପ୍ରଦାନ କରି ପାରିବନାହିଁ– ତେଣୁ ସଭ୍ୟମାନେ ମଧ୍ୟ ଉପକୃତ ହୋଇପାରିବେ ନାହିଁ।

ବର୍ତ୍ତମାନ, ନିମ୍ନରେ ଦିଆଯାଇଥିବା ୨ ଟି ଭିନ୍ନଭିନ୍ନ କୃଷକ ଉତ୍ପାଦକ ସଙ୍ଗଠନର ଦୁଇ ପ୍ରକାର ପରିସ୍ଥିତିକୁ ଦେଖିବା

**କୃଷକ ଉତ୍ପାଦକ ସଙ୍ଗଠନ ପରିସ୍ଥିତି–୧ :** କୃଷକ ଉତ୍ପାଦକ ସଙ୍ଗଠନ ତାର ସଭ୍ୟମାନଙ୍କଠାରୁ ଜିନିଷ ସଂଗ୍ରହ କରି ବଡ ବ୍ୟବସାୟୀଙ୍କୁ ବିକ୍ରୟ କରେ। କୃଷକ ଉତ୍ପାଦକ ସଙ୍ଗଠନ ତା'ର ସଭ୍ୟମାନଙ୍କୁ ଏହି ସେବା ଯୋଗାଇ ଦେବା ପାଇଁ ହେଲେ ସଂଗ୍ରହ କେନ୍ଦ୍ର, ପରିବହନ, ଯାନବାହାନ, କର୍ମଚାରୀ ଓ ଶ୍ରମିକମାନଙ୍କ ପାଇଁ ବ୍ୟୟ କରିବାକୁ ପଡିଛି। ସେ ଯାହା ହେଉନା କାହିଁକି, କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ସଭ୍ୟମାନଙ୍କର ଗୁଣାତ୍ମକ ଦ୍ରବ୍ୟ ବା ଉତ୍ପାଦ ପାଇଁ ବଜାର ଦର ଠାରୁ ଉତ୍ତମ ମୂଲ୍ୟ ଦେଇଥାନ୍ତି। ଏହା କୃଷକ ଉତ୍ପାଦକ ସଙ୍ଗଠନକୁ କ୍ଷତିରେ ପକାଇଥିଲା ଏବଂ ବିନିଯୋଗର ମୂଲ୍ୟ, ବ୍ୟବହୃତ ବା ଖର୍ଚ୍ଚ ହୋଇଥିବା ଅର୍ଥର ମୂଳ ଉଠେ ନାହିଁ।

**କୃଷକ ଉତ୍ପାଦକ ସଙ୍ଗଠନ ପରିସ୍ଥିତି –୨ :** ଏହି କୃଷକ ଉତ୍ପାଦକ ସଙ୍ଗଠନ ସମାନ ସେବା ସହ ଏକାପରି ବିନିଯୋଗ କରିଛନ୍ତି ସମାନ ମୂଲ୍ୟ ଯୋଗାଇ ଦେଇଥାଏ। ଯଦିଓ ଏହି କୃଷକ ଉତ୍ପାଦକ ସଙ୍ଗଠନ ୩ ପ୍ରକାର ଗୁଣବତ୍ତା, ସଠିକ୍ ଓଜନ, କମିଶନ, ପରିବହନ ଓ ଅପେକ୍ଷା ସମୟ ପାଇଁ ବଜାର ଦର ହିସାବରେ ସଭ୍ୟମାନଙ୍କୁ ପ୍ରତିଯୋଗୀତାମୂଳକ ମୂଲ୍ୟ ଦେଇଥାଏ। ଏ କ୍ଷେତ୍ରରେ ଦୀର୍ଘମିଆଦୀ ସୂତ୍ରରେ ସଭ୍ୟମାନେ ଅଧିକ ସୁବିଧାସୁଯୋଗ ପାଇଥାନ୍ତି ଏବଂ କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟ ଅଳ୍ପ ଲାଭାଂଶ ରଖେ, ଯାହା ଦ୍ୱାରା ଏହା ସମସ୍ତ ଖର୍ଚ୍ଚ ବହନ କରିପାରେ ଓ ସଭ୍ୟମାନଙ୍କୁ ଉତ୍ତମ ସେବା ଯୋଗାଇ ଦେଇଥାଏ।

ଦୁଇଟି ପରିସ୍ଥିତି ବିଷୟରେ ତୁମେ କି ପ୍ରକାର ପ୍ରଭାବ ପଡିବ ବୋଲି ଭାବୁଛ ନିମ୍ନରେ ଦିଆଯାଇଥିବା କୋଠରୀରେ ଲେଖନ୍ତୁ।

| କୃଷକ ଉତ୍ପାଦକ ସଙ୍ଗଠନ ପରିସ୍ଥିତି –୧ | କୃଷକ ଉତ୍ପାଦକ ସଙ୍ଗଠନ ପରିସ୍ଥିତି –୨ |
|---|---|
| | |

ଏହି ବିଶ୍ଳେଷଣରୁ ଆମେ ଜାଣିଲେ ଯେ କୌଣସି ସୁବିଧା କେବଳ ସଭ୍ୟାଙ୍କ ସ୍ତରରେ ନୁହେଁ, କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ମଧ୍ୟ ଉପକୃତ ହୋଇଥାନ୍ତି । ଏମିତି କୌଣସି କାର୍ଯ୍ୟକଳାପ ହେବା ଉଚିତ୍ ନୁହେଁ ଯାହା କେବଳ ସଭ୍ୟମାନଙ୍କୁ ଲାଭ ଦିଏ କିନ୍ତୁ କୃଷକ ଉତ୍ପାଦକ ସଙ୍ଗଠନକୁ ନୁହେଁ ଅଥବା କେବଳ କୃଷକ ଉତ୍ପାଦକ ସଙ୍ଗଠନ ମାତ୍ର ସଭ୍ୟଙ୍କୁ ନୁହେଁ। ସଭ୍ୟ ସ୍ତରରେ ଓ କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ଲାଭ/ସୁବିଧାସବୁର ସନ୍ତୁଳନ ରକ୍ଷାକରିବା ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ଜରୁରୀ କର୍ତ୍ତବ୍ୟ ଅଟେ । ଏଥିପାଇଁ ନିର୍ଦ୍ଦେଶକମଣ୍ଡଳୀ ସଭ୍ୟମାନଙ୍କୁ ଆବଶ୍ୟକ ଶିକ୍ଷା ଦେବା ଦରକାର।

ବର୍ତ୍ତମାନ ସଭ୍ୟମାନଙ୍କ ଆଶାଆକାଂକ୍ଷା ଓ କୃଷକ ଉତ୍ପାଦକ ସଙ୍ଗଠନରେ ଲାଭଜନକ ସ୍ଥିତି ମଧ୍ୟରେ ଦ୍ୱନ୍ଦ୍ୱ ସମ୍ବନ୍ଧିତ କେତେକ ଉଦାହରଣ ଉପରେ ଆଲୋଚନା କରିବା।

| ସେବା | ସଭ୍ୟଙ୍କ ଆଶାଆକାଂକ୍ଷା | କୃଷକ ଉତ୍ପାଦକ ସଙ୍ଗଠନର ଲାଭଜନକ ସ୍ଥିତି |
|---|---|---|
| ସାର ଯୋଗାଣ | କମ୍ ମୂଲ୍ୟରେ ପହଞ୍ଚାଇବା | ସାର ବ୍ୟବସାୟରେ ସ୍ୱଳ୍ପ ଲାଭ |
| କୃଷି ଯନ୍ତ୍ରପାତି | ଦୀର୍ଘ ସମୟ ପାଇଁ ଚାହିଦା ଏବଂ ଅଧିକ କାର୍ଯ୍ୟଭାର | ଯନ୍ତ୍ରପାତିର ଜଲଦି କ୍ଷୟ ହେବା ଓ ରକ୍ଷଣାବେକ୍ଷଣା ପାଇଁ ଅଧିକ ଖର୍ଚ୍ଚ |
| ପରିବା ସଂଗ୍ରହ | ନିମ୍ନ ଗୁଣାବତ୍ତା ଥାଇ ଅଧିକ ଦର, ସାଙ୍ଗେ ସାଙ୍ଗେ ଅର୍ଥ ପାଇବା | ଗୁଣାବତ୍ତା କମ୍ ହେବାର ଭୟ, ବଜାର ବିପଦ |

ଏହିସବୁ ଉଦାହରଣରୁ ଆମେ ଜାଣିଲୁ ଯେ, ସଭ୍ୟଙ୍କ ଆଶାଆକାଂକ୍ଷା ଓ କୃଷକ ଉତ୍ପାଦକ ସଙ୍ଗଠନର ଲାଭଜନକ ସ୍ଥିତି ମଧ୍ୟରେ ବେଳେବେଳେ ଦ୍ୱନ୍ଦ ଦେଖାଯାଇପାରେ। ଅନ୍ୟ ସୁବିଧା ପ୍ରଦାନକାରୀଙ୍କ ତୁଳନାରେ ଯଦି ସଭ୍ୟମାନଙ୍କର ଆଶାଆକାଂକ୍ଷା ବହୁତ ଅଧିକ ହୁଏ, ତା'ହେଲେ କୃଷକ ଉତ୍ପାଦକ ସଙ୍ଗଠନର ଖର୍ଚ୍ଚ ଅଧିକ ହୋଇଥାଏ ଏବଂ କୃଷକ ଉତ୍ପାଦକ ସଙ୍ଗଠନ ତା'ର ଆୟରୁ ଖର୍ଚ୍ଚ ଉଠାଇ ପାରେନାହିଁ ଯାହା ଫଳରେ ସେବାପ୍ରଦାନ ବଜାୟ ରଖି ପାରେନାହିଁ। ଏହା ସଭ୍ୟମାନଙ୍କର ଆଶାଆକାଂକ୍ଷା ଏବଂ କୃଷକ ଉତ୍ପାଦକ ସଙ୍ଗଠନର ଲାଭଜନକ ସ୍ଥିତି ପାଇଁ ସବୁ ସମୟରେ ଭାରସାମ୍ୟ ରକ୍ଷା କରିବା ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ମୁଖ୍ୟ ଦାୟିତ୍ୱ ଅଟେ।



## ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ସୁବିଧା ସୁଯୋଗରେ ସମନ୍ୱୟ

ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ସୁବିଧାସୁଯୋଗରେ ସନ୍ତୁଳନ ରକ୍ଷାକରି ସଭ୍ୟମାନଙ୍କୁ ପ୍ରବର୍ତ୍ତାଇବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏପରିକି ସ୍ୱଳ୍ପ ମିଆଦୀରେ କିଛି ପ୍ରତିଯୋଗୀ ସଭ୍ୟାମାନଙ୍କୁ ସାମୟିକ ପ୍ରଲୋଭନ ଦେଖାଇ ଆକର୍ଷଣ କରିବାପାଇଁ ଚେଷ୍ଟା କରିବେ । ଦୀର୍ଘମିଆଦୀ ସୂତ୍ରରେ ଅଧିକ ସୁବିଧାସୁଯୋଗ ମିଳିପାରିବ ବୋଲି ସମସ୍ତ ସଭ୍ୟମାନଙ୍କୁ ଜଣାଇବା ଦରକାର ।



ଉଦାହରଣ ସ୍ୱରୂପ; ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ତାର ସଭ୍ୟାମାନଙ୍କଠାରୁ ଟମାଟୋ ସଂଗ୍ରହ କରି ତାହାକୁ କ୍ରେତାମାନଙ୍କୁ ବିକ୍ରି କରନ୍ତି । ତରବରିଆଭାବେ ସଭ୍ୟମାନଙ୍କୁ ତୁରନ୍ତ ଅଧିକ ଲାଭ ପାଇବା ପାଇଁ, କୃଷକ ଉତ୍ପାଦକ ସଙ୍ଗଠନ କିଲୋ ପିଛା ୧୦ଟଙ୍କା ଦିଏ, ମାତ୍ର ସେହି ଏକା ପ୍ରକାର ଗୁଣବତ୍ତା ଥିବା ଟମାଟୋର ବଜାର ଦର ଥିଲା କିଲୋ ପିଛା ୫ ଟଙ୍କା, ଏହାର ଫଳସ୍ୱରୂପ ସଭ୍ୟମାନେ ସ୍ୱଳ୍ପମିଆଦୀ ଲାଭ ପାଇଁ କେବଳ ଆକର୍ଷିତ ହୋଇଥାନ୍ତି । ତା' ନହେଲେ ସଭ୍ୟମାନେ ସ୍ୱଳ୍ପ ସମୟ ପାଇଁ ଲାଭ ପାଇବେ କିନ୍ତୁ କୃଷକ ଉତ୍ପାଦକ ସଙ୍ଗଠନ ଲାଭଜନକ ସ୍ଥିତିକୁ ଆସିପାରିବ ନାହିଁ ଓ ତେଣୁ ସଭ୍ୟମାନଙ୍କୁ ସେବା ଯୋଗାଇବା ଜାରି ରଖିପାରିବେ ନାହିଁ ଯାହାଫଳରେ ସଭ୍ୟଙ୍କୁ ଲାଭ ହେବ ନାହିଁ ।

## ୩.୪ ସଭ୍ୟ ସଂପର୍କ

କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟମାନେ ମାଲିକ ଓ ଉପଭୋକ୍ତା, ବ୍ୟବସାୟିକ ସ୍ଥିରତା ଓ ଦୀର୍ଘସ୍ଥାୟିତ୍ୱ ପାଇଁ ସଭ୍ୟମାନଙ୍କ ସହ ସମ୍ପର୍କ ରଖିବା ନିହାତି ଜରୁରୀ । ନିମ୍ନରେ ସଭ୍ୟ ସମ୍ପର୍କର ବଭିନ୍ନ ଉପାୟ ପ୍ରଦତ୍ତ କରାଗଲା

| | |
|---|---|
| ସୂଚନା ଓ ଯୋଗାଯୋଗ | • କ୍ଷୁଦ୍ର ପୁସ୍ତିକା<br>• ବାର୍ଷିକ ବିବରଣୀ<br>• ସୂଚନା ଫଳକ |
| ମତାମତ | • ସେବା ସମ୍ପର୍କରେ<br>• ସମସ୍ୟା ଉପସ୍ଥାପନ ଓ ସମାଧାନ |
| ସୁବିଧା ସୁଯୋଗ | • କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟାଳୟରେ<br>• ସଭ୍ୟଙ୍କ ମଧ୍ୟରେ ଆଲୋଚନା ସ୍ଥାନ ଯଥା; ସଂଗ୍ରହ କେନ୍ଦ୍ର, ବିହନ, ସାର, ଯନ୍ତ୍ରପାତି ପ୍ରଦାନ କେନ୍ଦ୍ର |
| ସେବା ପ୍ରଦାନ କରିବା | • ସମୟ ଅନୁସାରେ ଗୁଣାତ୍ମକ ସେବାସମୂହ<br>• ଭଲ କାମ କରିଥିବା ସଭ୍ୟଙ୍କୁ ପ୍ରୋତ୍ସାହନ/ ପୁରସ୍କାର |
| ଆବଶ୍ୟକତା ଚିହ୍ନଟ | • ସମୟାନୁସାରେ ପରିବର୍ତ୍ତିତ ଆବଶ୍ୟକତା |
| ସଭ୍ୟମାନଙ୍କୁ ଶିକ୍ଷା | • ପ୍ରଶିକ୍ଷଣ<br>• କ୍ଷେତ୍ର ପରିଦର୍ଶନ<br>• ସଚେତନମୂଳକ ବୈଠକ |

ଉପରୋକ୍ତ ସୂଚନା ଅନୁଯାୟୀ କୃଷକ ଉତ୍ପାଦକ ସଙ୍ଗଠନ ବିଭିନ୍ନ ଉପାୟରେ ସଭ୍ୟମାନଙ୍କ ସହିତ ସମ୍ପର୍କ ଜାରି ରଖି ପାରନ୍ତି । ସଭ୍ୟଙ୍କ ଶିକ୍ଷା, ସୂଚନା ଏବଂ ଯୋଗାଯୋଗ କ୍ଷେତ୍ରରେ ଅତି ପ୍ରଭାବୀ ଅଟେ । ସମୟାନୁକ୍ରମେ ଉତ୍ତମ ସେବା ଯୋଗାଇବା ପାଇଁ ସେବାସମୂହ, ଆବଶ୍ୟକତା ଓ ଗୁଣବତ୍ତା ଇତ୍ୟାଦି ସମ୍ପର୍କରେ ନିୟମିତ ମତାମତ ନେବା ଆବଶ୍ୟକ । ସଭ୍ୟମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା ନିଶ୍ଚିତ କରିବା ଜରୁରୀ ଅଟେ ଯଥା; ଶୌଚାଳୟ, ପିଇବା ପାଣି, ବସିବା ପାଇଁ ବ୍ୟବସ୍ଥା ଇତ୍ୟାଦି ।

**ସମସ୍ୟା ସମାଧାନର ବ୍ୟବସ୍ଥା /ଉପାୟ (ଅଭିଯୋଗ ଶୁଣାଣି)**

ଯେ କୌଣସି ସଭ୍ୟ ସଂପର୍କିତ ସମସ୍ୟାକୁ ସଠିକ୍ ସମୟରେ ବ୍ୟବସ୍ଥିତ ଭାବରେ ସମାଧାନ କରିବା ଆବଶ୍ୟକ । କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ଯେ କୌଣସି ସଭ୍ୟଙ୍କୁ ଅଭିଯୋଗ ଶୁଣାଣି ପାଇଁ ମନୋନୀତ କରିବେ । ସମସ୍ୟାର ପ୍ରକାରକୁ ନେଇ ସେମାନେ ମଧ୍ୟ ଗୋଟିଏ କିମ୍ବା ବିଭିନ୍ନ ପ୍ରକାର କମିଟି ଯଥା; ପ୍ରଶାସନିକ, ଆର୍ଥିକ ଇତ୍ୟାଦି କରିପାରିବେ ।

- ସୂଚନା ଫଳକ ଓ କ୍ଷୁଦ୍ରପୁସ୍ତିକାରେ କମିଟିର ନାମ, ଯୋଗାଯୋଗ ପାଇଁ ସଭ୍ୟଙ୍କ ନାମ ସ୍ପଷ୍ଟଭାବରେ ଲେଖାଯିବା ଉଚିତ୍ ଅଟେ ।
- ସମାଧାନ ପ୍ରକ୍ରିୟା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟ ସୂଚୀତ ହେବା ଦରକାର ।
- ସମସ୍ତ ଅଭିଯୋଗ ମୌଖିକ/ଲିଖିତ ଭାବରେ ଗ୍ରହଣ କରାଯିବ, ଯେଉଁଥିରେ ବ୍ୟକ୍ତିଙ୍କ ନାମ ଓ ଅଭିଯୋଗର ପ୍ରକାର ଲେଖାଥିବ ।
- ନିକଟରେ ଥିବା ପରିଷଦ ବୈଠକରେ ଏହି ବିଷୟଟି କାର୍ଯ୍ୟସୂଚୀରେ ସ୍ଥାନିତ କରାଯାଇ ପଦେକ୍ଷପ ନିଆଯିବା ଉଚିତ୍ ।
- କମିଟିର ସଭ୍ୟମାନେ ସେହି ଅଭିଯୋଗକାରୀ ସଭ୍ୟଙ୍କୁ ଭେଟି ସମସ୍ୟା ବିଷୟରେ ଜାଣିବେ ଓ ବୁଝିବେ ।
- ବୈଠକ ବିବରଣୀ ଖାତାରେ ବୈଠକର ନିଷ୍ପତ୍ତି ସଠିକ୍ ଭାବରେ ଲେଖାଯିବ ଓ ନିଷ୍ପତ୍ତିକୁ ଲିଖିତଭାବେ ଜଣାଇବେ ।



# ୪

# କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା- କେଉଁମାନେ ? କିପରି ?

## ଅଧିବେଶନ ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା ମାନଦଣ୍ଡକୁ ବୁଝିବା
କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା ହାସଲ କରିବାର ପ୍ରକ୍ରିୟାକୁ ବୁଝିବା ।

**ବିଷୟବସ୍ତୁ**

୧. ସଭ୍ୟଗ୍ରହଣ
୨. ସଭ୍ୟ ବହିଷ୍କାର
୩. ସଭ୍ୟ ବିରତି ବା ବିରାମ

ଆମ କୃଷକ ଉତ୍ପାଦକ ସଙ୍ଗଠନର ଉପବିଧି ନୀତିନିୟମରେ ସଦସ୍ୟମାନଙ୍କର ଯୋଗ୍ୟତା ଏବଂ ଅଯୋଗ୍ୟତା ଅନୁଯାୟୀ ଆମର କୃଷକ ଉତ୍ପାଦକ ସଙ୍ଗଠନ ସଦସ୍ୟମାନଙ୍କର ନାମ ଲେଖାଇବା ଦାୟିତ୍ୱ ଅଟେ ।

**ସଦସ୍ୟତା ପାଇବା ପାଇଁ ପ୍ରକ୍ରିୟା**

- କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ସେମାନଙ୍କର ଆବେଦନକୁ କୃଷକ ଉତ୍ପାଦକ ସଙ୍ଗଠନର ସଚିବ/ସିଇଓଙ୍କ ନିକଟରେ ଦାଖଲ କରିବେ, ଯିଏ ଏହାକୁ ବୋର୍ଡ ନିର୍ଦ୍ଦେଶକମଣ୍ଡଳୀର ବିଚାର ପାଇଁ ରଖିବେ । ସଦସ୍ୟତା ପାଇଁ ୩୦ ଦିନ ମଧ୍ୟରେ ଆବେଦନ କରାଯିବ ଏବଂ ନିର୍ଦ୍ଦେଶକମଣ୍ଡଳୀର ନିଷ୍ପତ୍ତି ସହିତ ଆବେଦନକାରୀଙ୍କୁ ଜଣାଯିବ ।

- ଆବେଦନକାରୀ ସଦସ୍ୟତା ଗ୍ରହଣ ଫି ____________ ଟଙ୍କା ଦେବେ ଏବଂ ____________ ଟଙ୍କା ଅଂଶଧନ ବାବଦକୁ ଦେବେ ଏବଂ ଅନ୍ୟ କୌଣସି ଦେୟ ଯାହା ସଦସ୍ୟତା ଗ୍ରହଣ ସମୟରେ ବଳବତ୍ତର ଥାଏ। କୃଷକ ଉତ୍ପାଦକ ସଙ୍ଗଠନ ସଦସ୍ୟଙ୍କୁ ଏକ ରସିଦ୍ ଏବଂ ବଣ୍ଡ ପ୍ରଦାନ କରେ ଏବଂ ସଦସ୍ୟତା ରେକର୍ଡକୁ ଅଧୁନାତନ କରିବେ। ଏହି ବିଷୟରେ ନିର୍ଦ୍ଦେଶକମଣ୍ଡଳୀର ନିଷ୍ପତ୍ତି ଚୂଡାନ୍ତ ଅଟେ ଓ ଏହା ଆଇନର ପ୍ରାବଧାନ, ଉପବିଧି ଓ ବ୍ୟବସାୟିକ ଓ ପ୍ରଶାସନିକ ନିୟମକାନୁନ ଅନ୍ତର୍ଗତ ହୋଇଥିବ।

**ସଦସ୍ୟତା ବିରତି/ ବିରାମ କେଉଁ ପରିସ୍ଥିତିରେ ସଦସ୍ୟତା ବନ୍ଦ ହେବ ?**

- କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀର ଅନୁମୋଦନ ପରେ ସଦସ୍ୟତାର ପ୍ରତ୍ୟାହାର
- କୃଷକ ଉତ୍ପାଦକ ସଙ୍ଗଠନ ଉପବିଧିରେ ଉଲ୍ଲେଖ କରାଯାଇଥିବା ଯେ କୌଣସି କାରବାର କିମ୍ବା ସେବାରେ ସଦସ୍ୟ ଏକ ବର୍ଷ ପାଇଁ ଅଂଶଗ୍ରହଣ କରିନାହାଁନ୍ତି।
- କୃଷକ ଉତ୍ପାଦକ ସଙ୍ଗଠନ ସ୍ୱାର୍ଥ ପାଇଁ କ୍ଷତିକାରକ କାର୍ଯ୍ୟକଳାପରେ ଭାଗ ନେଲେ ସଦସ୍ୟତାରୁ ବହିଷ୍କାର କରାଯିବ।
- ସଦସ୍ୟତା ବନ୍ଦ ହେବା ପରେ କୃଷକ ଉତ୍ପାଦକ ସଙ୍ଗଠନରେ ଥିବା ସଦସ୍ୟଙ୍କ ଦେଣନେଣ ହିସାବ କୃଷକ ଉତ୍ପାଦକ ସଙ୍ଗଠନର ନିୟମ ଅନୁଯାୟୀ ହିସାବନିକାଶ ହେବ।



**୪**

# ପୁଞ୍ଜି ଅନୁଦାନ - ସଦସ୍ୟତା ହିଁ ମାଲିକାନା

## ଅଧିବେଶନର ଉଦ୍ଦେଶ୍ୟ



କୃଷକ ଉତ୍ପାଦକ ସଙ୍ଗଠନରେ ଅଂଶଧନର ଆବଶ୍ୟକତାକୁ ବୁଝିବା ।
କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟଙ୍କ ଉଚ୍ଚ ଆର୍ଥିକ ଦାବିଦାରୀର ଗୁରୁତ୍ୱକୁ ବୁଝିବା ।

### ବିଷୟବସ୍ତୁ

୧. କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ଅଂଶଧନ

୨. କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟଙ୍କ ଉଚ୍ଚ ଆର୍ଥିକ ଦାବିଦାରୀର ଗୁରୁତ୍ୱ

### ଉପକ୍ରମ

ପୂର୍ବ ଅଧିବେଶନରେ ଆମେ ଜାଣିଲୁ ଯେ, କୃଷକ ଉତ୍ପାଦକ ସଙ୍ଗଠନର ମାଲିକାନା ବଜାୟ ରଖରବାକୁ ହେଲେ ସଦସ୍ୟଙ୍କ ପୁଞ୍ଜି ବିନିଯୋଗ ହେଉଛି ମୁଖ୍ୟ ଚାବିକାଠି। ଯଦି ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ପ୍ରକୃତ ସଦସ୍ୟଙ୍କ ମାଲିକାନାସତ୍ତ୍ୱରେ ଚାଲେ ସଦସ୍ୟମାନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଷୟରେ ଆଲୋଚନା ଆମେ ଏହି ଅଧିବେଶନରେ କରିବା ଓ ଦୀର୍ଘସ୍ଥାୟୀ ହେବା ପାଇଁ ଏହା ସଦସ୍ୟମାନଙ୍କ ପାଖରୁ ଯଥେଷ୍ଟ ମୂଳଧନ ପାଇବା ଦରକାର।




### ଆଲୋଚନା ପାଇଁ ପ୍ରଶ୍ନାବଳୀ

୧. କୃଷକ ଉତ୍ପାଦକ ସଙ୍ଗଠନ ବ୍ୟବସାୟ ଆରମ୍ଭ କରିବାପାଇଁ ଅର୍ଥ ଯୋଗାଣର ମୁଖ୍ୟ ଉତ୍ସଗୁଡ଼ିକ କ'ଣ ?

୨. ଅଂଶଧନ କହିଲେ ଆମେ କ'ଣ ବୁଝୁ ?

କୃଷକ ଉତ୍ପାଦକ ସଙ୍ଗଠନ ବ୍ୟବସାୟ ପାଇଁ ଅର୍ଥ ଆବଶ୍ୟକ କରେ ଏବଂ ସେମାନେ ମୁଖ୍ୟ ୩ଟି ଉତ୍ସରୁ ଅର୍ଥ ସଂଗ୍ରହ କରିଥାନ୍ତି।

**କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି ।**

୧. ସଭ୍ୟଙ୍କ ଅଂଶଧନ ସଂଗ୍ରହ ମାଧ୍ୟମରେ ।

୨. କୃଷକ ଉତ୍ପାଦକ ସଙ୍ଗଠନ ବ୍ୟବସାୟରୁ ରଖିଥିବା ବଳକା ଅର୍ଥ ।

୩. ସଦସ୍ୟଙ୍କ ବ୍ୟତୀତ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଅନୁଦାନ ଓ କରଜ ।

ସଦସ୍ୟ ଅଂଶଧନର ୨ଟି ମୁଖ୍ୟ ଉଦ୍ଦେଶ୍ୟ ହେଲା – ସଭ୍ୟଙ୍କ ଅଂଶଧନ କୃଷକ ଉତ୍ପାଦକ ସଙ୍ଗଠନକୁ ଯଥେଷ୍ଟ ମୂଳଧନ ଯୋଗାଇଥାଏ ଓ ସେମାନେ ମାଲିକାନା ଭାବନା ସୃଷ୍ଟି କରନ୍ତି ।

ସଭ୍ୟଙ୍କ ଅଂଶଧନ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ବ୍ୟକ୍ତିଗତ ସଭ୍ୟଙ୍କ ସମର୍ପଣଭାବ ସୂଚୀତ କରିଥାଏ । ଏହା ମଧ୍ୟ ବ୍ୟକ୍ତିଗତ ସଦ୍ୟସଙ୍କ ଆର୍ଥିକ ଦାବିଦାରୀକୁ ଚିହ୍ନିତ କରିଥାଏ । ଯେତେବେଳେ ସଭ୍ୟ କୃଷକ ଉତ୍ପାଦକ ସଙ୍ଗଠନରୁ ଅବ୍ୟାହତି ନିଏ ସେତେବେଳେ ତାର ପୁଞ୍ଜିକୁ ଫେରାଇ ନେଇଥାଏ ।

**କୃଷକ ଉତ୍ପାଦକ ସଙ୍ଗଠନ ତା'ର ସଭ୍ୟଙ୍କଠାରୁ ଅଂଶଧନ ସଂଗ୍ରହ କରିଥାଏ କାହିଁକି ?**

ଅଂଶଧନ ମାଲିକାନା ମୁଦ୍ରାର ଗୋଟିଏ ପାର୍ଶ୍ୱ ହେଲେ ଅନ୍ୟ ପାର୍ଶ୍ୱଟି ହେଲା ସଭ୍ୟ ପାଉଥିବା ସେବା ଓ ସୁବିଧାସମୂହ ଅଟେ । କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟକୁ ମାଲିକମାନେ ବିନିଯୋଗ ପାଣ୍ଠି ଦେଇଥାନ୍ତି ଓ ପ୍ରତିବଦଳରେ ସମବାୟ ସଭ୍ୟ- ମାଲିକମାନଙ୍କୁ ସେବା ସୁବିଧାସବୁ ଯୋଗାଇଥାଏ । ସଙ୍ଗଠନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁବିଧା ହେଲା କୃଷକ ଉତ୍ପାଦକ ସଙ୍ଗଠନର ଅସ୍ତିତ୍ୱ । ଲୋକମାନେ କୃଷକ ଉତ୍ପାଦକ ସଙ୍ଗଠନରେ ପୁଞ୍ଜି ବିନିଯୋଗ କରନ୍ତି, କାରଣ ସେମାନେ କୃଷକ ଉତ୍ପାଦକ ସଙ୍ଗଠନ ଦେଉଥିବା ସେବାର ବ୍ୟବହାର କରିବାକୁ ଚାହାଁନ୍ତି ।

ଏତଦ୍ ବ୍ୟତୀତ, ଗୋଷ୍ଠିର ଅଂଶ ଭାବେ ସଭ୍ୟମାନେ ସେବା/ସୁବିଧା ପାଇଥାନ୍ତି ଓ ସେମାନେ କୃଷକ ଉତ୍ପାଦକ ସଙ୍ଗଠନର ମିଶନ୍ ଓ ସେ ଯେଉଁ ଗୋଷ୍ଠିକୁ ସେବା ଦେଉଛି, ତା'କୁ ସହଯୋଗ କରନ୍ତି" ।

**ଆଲୋଚନା ପାଇଁ ପ୍ରଶ୍ନ – କେଉଁ ପ୍ରକାର ପୁଞ୍ଜି ସବୁଠାରୁ ଉତ୍ତମ ?**

କୃଷକ ଉତ୍ପାଦକ ସଙ୍ଗଠନର ଗୋଷ୍ଠିଭିତ୍ତିକ ବ୍ୟବସାୟର ଉପକାରୀତାକୁ ଉପସ୍ଥାପନ କରିଥାଏ, ଯେଉଁଠାରେ ବହୁତ ଲୋକଙ୍କଠାରୁ ଅପେକ୍ଷାକୃତ ଅଳ୍ପଅଳ୍ପ ବିନିଯୋଗ ରାଶି ଆଣି ସୃଷ୍ଟି କରାଯାଇଥିବା ମୂଳଧନ, ଯାହାକୁ ଦେଖାଇ ଅଧିକ ପୁଞ୍ଜି ଯୋଗାଡ କରିବା ସମ୍ଭବ ହୋଇଥାଏ । ସଭ୍ୟଙ୍କ ଅଂଶଧନ ସୀମିତ ହୋଇପାରେ ଓ ଧୀରେ ଧୀରେ ଏହା ବଢିଥାଏ, ବିଶେଷ କରି କୃଷକ ଉତ୍ପାଦକ ସଙ୍ଗଠନ ଯିଏ ନିଜର ବ୍ୟବସାୟକୁ ଚାହୁଁଛି ଅଂଶଧନ ବିନିଯୋଗ ବ୍ୟାଙ୍କ୍ ଓ ଅନ୍ୟାନ୍ୟ ଋଣ ପ୍ରଦାନକାରୀଙ୍କୁ ସଭ୍ୟ - ମାଲିକଙ୍କ ସମର୍ପଣଭାବକୁ ଦର୍ଶାଇଥାଏ । ସେ ଯାହା ହେଉନା କାହିଁକି, ମୂଳଧନର ପ୍ରକାର ଓ ଉତ୍ସ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ସେମାନେ ଋଣ ଆଣିବା ପାଇଁ ସର୍ତ୍ତାବଳୀ ନିଶ୍ଚିତ କରିଥାନ୍ତି ।

## ଘଟଣା ଅନୁଧ୍ୟାନ କରିବା/ସଫଳ କାହାଣୀ

କମଳପୁର ବ୍ଲକରେ ଧରଣୀ କୃଷକ ଉତ୍ପାଦକ ସଙ୍ଗଠନରେ କାମ କରୁଅଛି । ଏହା ସମବାୟ ଆଇନ୍ ଅଧିନରେ ପଞ୍ଜିକୃତ ହୋଇଛି । ଯେଉଁ କୃଷକମାନେ କୃଷକ ଉତ୍ପାଦକ ସଙ୍ଗଠନର ସୁବିଧା ସୁଯୋଗକୁ ଉପଭୋଗ କରିବାକୁ ଇଚ୍ଛୁକ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ନିୟମକାନୁନ ମାନିବା ସହିତ ସଙ୍ଗଠନରେ ଅଂଶଧନ, ପ୍ରବେଶିକା ଫି ପ୍ରଦାନ କରି ସଦସ୍ୟତା ଗ୍ରହଣ କରିଲେ । କୃଷକ ଉତ୍ପାଦକ ସଙ୍ଗଠନ ତାର ପଞ୍ଜିକୃତ ସଭ୍ୟ ଓ ଅନ୍ୟ ଅଣସଂସ୍ଥାଙ୍କ ପାଖରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରନ୍ତି । ଯାହାହେଉ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟିକ ନିୟମ ଅନୁଯାୟୀ ମୋଟ୍ ସଂଗ୍ରହର ୨୦% ରୁ କମ୍ ଦ୍ରବ୍ୟ ଅଣ-ସଭ୍ୟଙ୍କ ପାଖରୁ ସଂଗ୍ରହ କରିବା ନିଶ୍ଚିତ କରୁଛି ।

କୃଷକ ଉତ୍ପାଦକ ସଙ୍ଗଠନ ଅନୁଭବ କଲା ଯେ, ସଭ୍ୟଙ୍କ ଅଂଶଧନ ସୀମିତ ଏବଂ ଧିରେ ଧିରେ ବଢୁଛି । କୃଷକ ଉତ୍ପାଦକ ସଙ୍ଗଠନ ତା'ର ବ୍ୟବସାୟକୁ ତୀବ୍ରତର କରିବା ପାଇଁ ବ୍ୟାଙ୍କ୍ ଏବଂ ବିକାଶ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଠାରୁ ଋଣ ଆଣୁଅଛି । ୩ବର୍ଷ ହେଲା, କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦ, କୃଷକ ଉତ୍ପାଦକ ସଙ୍ଗଠନ ସହ ପ୍ରତ୍ୟେକ ସଭ୍ୟ କରିଥିବା ଦେଣନେଣ ଉପରେ ଆଧାରିତ କରି ୪୦% ବଳକା ଅର୍ଥ ବ୍ୟବସ୍ଥା କରିଆସୁଅଛି । ସଭ୍ୟମାନେ କୁହନ୍ତି ଯେ, ଆମେ ଆମର ସମବାୟକୁ ବିଶ୍ୱାସ କରୁଛୁ କାରଣ ଆମ ଠାରୁ ଦ୍ରବ୍ୟ ସଂଗ୍ରହ ମାଧ୍ୟମରେ ଅଧିକ ଲାଭ ରଖୁନାହୁଁ, କାରଣ ଆମର ଦେଣନେଣ ଅନୁପାତରେ ଆମକୁ ବଳକା ରାଶି ଫେରାଇ ଦେଉଛନ୍ତି । କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ କୁହନ୍ତି ଯେ, ସେମାନେ ଫେରସ୍ତ ପ୍ରତି ଧ୍ୟାନ ଦିଅନ୍ତି କାରଣ ସେହି ଫେରସ୍ତ ପ୍ରକୃତ ଆୟ କରିବାକୁ ସମବାୟ ଉପରେ ଉପଯୁକ୍ତ ଚାପ ସୃଷ୍ଟି କିରବ, ଯାହା ଏକ ସୁସ୍ଥ ବ୍ୟବସାୟର ଚିହ୍ନ ଅଟେ ।

**ସଭ୍ୟମାନଙ୍କଠାରୁ ଅଂଶଧନ ସଂଗ୍ରହ କରିବାର ଉପକାରୀତା ସମ୍ବନ୍ଧରେ ଚିନ୍ତାକରି ନିମ୍ନ ବାକ୍ସରେ ଲେଖନ୍ତୁ**

## ସଭ୍ୟଙ୍କ ଅର୍ଥନୈତିକ ଦାବିଦାରୀତା

ବର୍ତ୍ତମାନ ଆମେ ନିମ୍ନରେ ଦିଆଯାଇଥିବା ୨ଟି କୃଷକ ଉତ୍ପାଦକ ସଙ୍ଗଠନଙ୍କ ବିଷୟରେ ଆଲୋଚନା କରିବା ଓ ବିଶ୍ଳେଷଣ କରିବାକୁ ଚେଷ୍ଟା କରିବା ଯେ, କୃଷକ ଉତ୍ପାଦକ ସଙ୍ଗଠନମାନଙ୍କର ସଭ୍ୟଙ୍କ ଦାବିଦାରୀତା, ମାଲିକାନା ଓ ଦୀର୍ଘସ୍ଥାୟୀତ୍ୱ ମଧ୍ୟରେ କ'ଣ ସମ୍ପର୍କ ଅଛି ।

**କୃଷକ ଉତ୍ପାଦକ ସଙ୍ଗଠନ -୧ :** କୃଷକ ଉତ୍ପାଦକ ସଙ୍ଗଠନ ଗଠିତ ହୋଇଥିବା ଅଞ୍ଚଳର ସମସ୍ତ ସଭ୍ୟ ରହିବେ । କାରଣ ଅଂଶଧନ ପାଇଁ କୃଷକ ଉତ୍ପାଦକ ସଙ୍ଗଠନ ପୂର୍ଣ୍ଣ ସହଯୋଗ କରିଥାନ୍ତି । ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିୟମିତ ମାସିକ ସଂଗ୍ରହ କରିଥାନ୍ତି । ଅନୁଷ୍ଠାନର ବିନିଯୋଗ ଓ ଖର୍ଚ୍ଚ ସମ୍ବନ୍ଧୀୟ ସୂଚନା ପାଇଥାନ୍ତି । ସଭ୍ୟମାନଙ୍କ ସଞ୍ଚୟ, ପଇଠ, କରଜ ସଭ୍ୟମାନଙ୍କୁ ଅନୁଗାମୀ କରିଥାଏ । ଜଣେ ସଭ୍ୟ ସଞ୍ଚିତ ଅର୍ଥର ୧୦ଗୁଣ କରଜ ନେଇପାରିବାର ସୁବିଧା ରହିଛି । କୃଷକ ଉତ୍ପାଦକ ସଙ୍ଗଠନ ମୂଲ୍ୟର ୧୦% ଯାହାକୁ ବ୍ୟବସାୟିକ ପରିଚାଳନା ଚକ୍ର ଶେଷରେ ସଭ୍ୟମାନଙ୍କୁ ଫେରସ୍ତ କରିଥାନ୍ତି ।

**କୃଷକ ଉତ୍ପାଦକ ସଙ୍ଗଠନ -୨ :** ଅନ୍ୟ କୃଷକ ଉତ୍ପାଦକ ସଙ୍ଗଠନରେ କୃଷକମମାନେ ଯୋଗ ଦିଅନ୍ତି ଏବଂ ଅନୁମୋଦିତ ସୀମିତ ଅଂଶଧନ ପଇଠ କରନ୍ତି । କୃଷକ ଉତ୍ପାଦକ ସଙ୍ଗଠନ ତା'ର ସଭ୍ୟମାନଙ୍କୁ କୌଣସି ସଂଗ୍ରହ ଓ କରଜର ସୁବିଧା ସୁଯୋଗର ସେବା ପ୍ରଦାନ କରିନଥାଏ । କୃଷକ ଉତ୍ପାଦକ ସଙ୍ଗଠନ ତା'ର ଅର୍ଥକୁ ବିକଶିତ ଅର୍ଥନୈତିକ ଅନୁଷ୍ଠାନରୁ ବଜାର ଦର ସୁଧର ହାରରେ ଧାର କରିଥାଏ । ଯାହା ହେଉ ଏହା ବ୍ୟବସାୟୀକରଣ ପାଇଁ ଉଦ୍ଦିଷ୍ଟ ନୁହେଁ । ତେଣୁ ଏହା ବିନା ସୁଧରେ କୃଷକ ଉତ୍ପାଦକ ସଙ୍ଗଠନକୁ କରଜ ଦେଇଥାଏ । କୃଷକ ଉତ୍ପାଦକ ସଙ୍ଗଠନ ସ୍ତରରେ ପୁଞ୍ଜିର ଉପଯୁକ୍ତ ପରିଚାଳନା ପାଇଁ ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକ କୃଷକ ଉତ୍ପାଦକ ସଙ୍ଗଠନର ସିଇଓକୁ ଖୋଲାବଜାର ସୃଷ୍ଟି କରିବାକୁ ପରାମର୍ଶ ଦେଇଥାନ୍ତି । କୃଷକ ଉତ୍ପାଦକ ସଙ୍ଗଠନର ଦୀର୍ଘସ୍ଥାୟୀତ୍ୱ ନିଶ୍ଚିତକରିବା ପାଇଁ କର୍ମଚାରୀଙ୍କ ବେତନ ପ୍ରୋତ୍ସାହକ ସଂସ୍ଥା ପ୍ରଦାନ କରିଥାନ୍ତି ।

ସଦସ୍ୟମାନଙ୍କ ଅର୍ଥର ବିକାଶ ପାଇଁ ଏବଂ ସଭ୍ୟମାନଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଆମେ ଆଲୋଚନା କରୁ ଯେ, ଏହାର ମାଲିକାନା, ନିୟନ୍ତ୍ରଣ ଓ ଅନୁଷ୍ଠାନର ଦୀର୍ଘସ୍ଥାୟୀତ୍ୱକୁ ନିମ୍ନରେ ଥିବା ସ୍ଥାନକୁ ତୁମ ମତରେ ପୂରଣ କର ।

| କୃଷକ ଉତ୍ପାଦକ ସଙ୍ଗଠନ ପରିସ୍ଥିତି -୧ | କୃଷକ ଉତ୍ପାଦକ ସଙ୍ଗଠନ ପରିସ୍ଥିତି -୨ |
| --- | --- |
| | |

ଏଥିରୁ ଆମେ ଜାଣିଲୁ ଏହା ସଭ୍ୟମାନଙ୍କ ଅର୍ଥନୀତିର ବିକାଶର ଅନୁଭବ। କୃଷକ ଉତ୍ପାଦକ ସଙ୍ଗଠନର ମାଲିକାନା ଓ ବିକାଶ ଏକ କଠିନ ବ୍ୟାପାର ଅଟେ। କୃଷକ ଉତ୍ପାଦକ ସଙ୍ଗଠନର ନିଜସ୍ୱ ବିନିଯୋଗ ପାଣ୍ଠି ବ୍ୟତୀତ ଅନ୍ୟ ପାଣ୍ଠି ନହେଲେ ଅନୁଷ୍ଠାନ ବଢ଼ିପାରିବ ନାହିଁ, ଆଖିଦୃଷ୍ଟିଆ ନିଜସ୍ୱ ପାଣ୍ଠି ବିନା ବାହ୍ୟ ମାଲିକାନା ମୁଖ୍ୟତଃ ବାହ୍ୟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାଏ। ଯଦି ଆଖିଦୃଶିଆ ସଭ୍ୟଙ୍କ ଅର୍ଥର ବିକାଶ ନିମ୍ନରେ ମାଲିକାନା ଆବଶ୍ୟକ, ଯେଉଁମାନେ ବିଭିନ୍ନ ଶ୍ରେଣୀରେ କାମ କରିବାରେ ଚୁଡାନ୍ତ ନିଷ୍ପତ୍ତିରେ ମୁଖ୍ୟ ଅଂଶଗ୍ରହଣ କରି କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟଧାରାକୁ ଆଗେଇ ନିଅନ୍ତି।

**କୃଷକ ଉତ୍ପାଦକ ସଙ୍ଗଠନରେ ଆର୍ଥିକ ଦାବିଦାରୀତା ନିମ୍ନଲିଖିତ ଉପାୟଗୁଡିକ ଦ୍ୱାରା ରହିପାରିବ।**

**ଚିତ୍ରର ବାର୍ତ୍ତା-**

- ଅଂଶଧନ
- ପଇଠ /ଜମା
- ଋଣ
- ମୂଳଧନ ପାଇଁ ଅନୁଦାନ
- ସଂଚୟ



# ସଂଲଗ୍ନ -୧

## ଏମ୍‌ଏସିଏସ୍ ଆଇନ୍ ୧୯୯୫ର ସଦସ୍ୟତା ପାଇଁ ବ୍ୟବସ୍ଥା ଓ ପ୍ରାବଧାନ

'ସଭ୍ୟ' ଅର୍ଥ ଜଣେ ବ୍ୟକ୍ତିଗତ ଉତ୍ପାଦକ କିମ୍ବା ଉତ୍ପାଦକ ଉଦ୍ୟୋଗ ଯିଏକି କୃଷକ ଉତ୍ପାଦକ ସଙ୍ଗଠନର ଉପବିଧିରେ ଦିଆଯାଇଥିବା ସଦସ୍ୟତା ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବ ଓ ଯିଏ ଅଂଶଧନ ପଇଠ କରିଥିବ।

୧. ଉପବିଧି ଅନୁଯାୟୀ ଯେ କୌଣସି ବ୍ୟକ୍ତି ଯିଏ ସମବାୟ ସମିତିର ସମସ୍ତ ସୁବିଧା/ସେବାକୁ ବ୍ୟବହାର କରିବାକୁ ଚାହୁଁଥିବ ଏବଂ ଯେ ସମିତିର ସଦସୟତାର ଦାୟିତ୍ୱ ନେଇ ସମିତିର ସର୍ତ୍ତାବଳୀକୁ ପୂରଣ କରିବାକୁ ଇଚ୍ଛା ପ୍ରକାଶ କରିଥାଏ, ସେହିଭଳି ବ୍ୟକ୍ତି ସମିତିର ସଦସ୍ୟ ହୋଇପାରିବ। ଏହି ସର୍ତ୍ତ ସହିତ ଯେ, ଦରଖାସ୍ତକାରୀଙ୍କୁ ସେବା ଯୋଗାଇବା ସ୍ଥିତିରେ ସମବାୟ ସମିତି ଥିବ ଓ ଏହା ମଧ୍ୟ ଯେ ଦରଖାସ୍ତକାରୀ ଏକାପରି ବା ସମାନ ସେବା ଯୋଗାଉଥିବା ପଞ୍ଜିକୃତ ସମବାୟ ସମିତିର ସଭ୍ୟ ହୋଇ ନ ଥିବ।

୨. ସମବାୟ ସମିତିର ଉପବିଧିରେ ଲିଖିତ ପ୍ରଣାଳୀ ଅନୁଯାୟୀ ଜଣେ ବ୍ୟକ୍ତି ସଭ୍ୟପଦ ଗ୍ରହଣ କରିପାରିବ କିମ୍ବା ସଭ୍ୟପଦରୁ ବହିଷ୍କାର ହୋଇପାରିବ। ଗୋଟିଏ ନିର୍ବାଚିତ ପରିଷଦ ଦ୍ୱାରା କିମ୍ବା ସାଧାରଣ ପରିଷଦ ଦ୍ୱାରା ଯେଉଁଠାରେ ବର୍ତ୍ତମାନ ନିର୍ବାଚିତ ପରିଷଦ ନାହିଁ।

୩. ଜଣେ ବ୍ୟକ୍ତି ସଦସ୍ୟତା ଗ୍ରହଣ କଲାପରେ ସଦସ୍ୟଙ୍କ ଅଧିକାର ଜାହିର କରିପାରିବ, ଯେପରିକି ଭୋଟଦେବାର ଅଧିକାର, ଯାହାକି ସମୟକୁ ସମୟ ନୀତିନିୟମ ଅନୁସାରେ ପରିବର୍ତ୍ତନ ହୋଇଥାଏ। ଭୋଟ୍ ଦେବା ପୂର୍ବରୁ ଜଣେ ବ୍ୟକ୍ତି ଅତି କମ୍‌ରେ ଗୋଟିଏ ବର୍ଷରୁ ଅଧିକ ସଭ୍ୟ ରହିଥିବା ଅବଶ୍ୟକ। ସମବାୟ ସମିତି ପଞ୍ଜିକୃତ ହେବାର ଏକ ବର୍ହ ପର୍ଯ୍ୟନ୍ତ ଏହି ନିୟମ ପ୍ରୋତ୍ସାହନ ସଭ୍ୟଙ୍କ ପାଇଁ ଲାଗୁ ହୋଇଥାଏ । ଆଇନ୍ ଆଶା କରେ ନାହିଁ ଯେ, ଜଣେ ବ୍ୟକ୍ତି ଏକପ୍ରକାର ସେବା ପାଇବା ପାଇଁ ଏକରୁ ଅଧିକ ସମବାୟ ସମିତିର ସଭ୍ୟ ହୋଇଥିବେ।

୪. ଜଣେ ବ୍ୟକ୍ତି ଏହି ସୁବିଧା ହାସଲ କରିବାପାଇଁ ଆଶା କରେ, ଯିଏକି ଏକରୁ ଅଧିକ ସମବାୟ ସହିତ ଜଡ଼ିତ ଥାଏ।

# ସଂଲଗ୍ନ -୨

## କମ୍ପାନୀ ଆଇନ୍ ୨୦୧୩ ଅନୁଯାୟୀ ସଭ୍ୟପଦ ପାଇଁ ବ୍ୟବସ୍ଥା ବା ପ୍ରାବଧାନ

**ସଭ୍ୟଙ୍କ ଅଧିକାରସମୂହ**

ଯେତେବେଳେ ଜଣେ ବ୍ୟକ୍ତି ଥରେ ସଭ୍ୟ ହୋଇଗଲା ପରେ ସେ କୃଷକ ଉତ୍ପାଦକ ସଙ୍ଗଠନ ନିୟମ ଅନୁସାରେ ତାର ସଦସ୍ୟତା ଥିବା ପର୍ଯ୍ୟନ୍ତ ସଭ୍ୟଙ୍କ ଅଧିକାରକୁ ଉପଭୋଗ କରିବାକୁ ଯୋଗ୍ୟ ଅଟେ । ସଭ୍ୟଙ୍କ ଅଧିକାର ଗୁଡ଼ିକ ହେଲା

- ନିଜର ଅଂଶଧନ
- କମ୍ପାନୀର ବୈଠକ ନିଷ୍ପତ୍ତି ଗ୍ରହଣରେ ଭୋଟ ଦେବା
- କମ୍ପାନୀର ଅସାଧାରଣ ସାଧାରଣ ବୈଠକ ପାଇଁ ନୋଟିସ ଦେବା ଅଥବା ମିଳିତଭାବେ ନୋଟିସ୍ ଦେବା
- ସାଧାରଣ ବୈଠକରେ ଯୋଗଦାନ ଏବଂ ଭାଗ ନେବା ପାଇଁ ନୋଟିସ୍ ଗ୍ରହଣ କରିବା;
- ସାଧାରଣ ବୈଠକରେ  ଯୋଗଦେବା ଓ ଆଲୋଚନାରେ ଭାଗ ନେବା
- ଯଦି କୌଣସି ସଭ୍ୟ କର୍ପୋରେଟ ସଂସ୍ଥାର ହୋଇଥିବେ, ତାଙ୍କ ପ୍ରତିନିଧି ସାଧାରଣ ବୈଠକରେ ଯୋଗଦେବା ପାଇଁ ପଠାଇବେ ଓ ସେ ସଂସ୍ଥା ତରଫରୁ ସାଧାରଣ ବୈଠକରେ ଭୋଟ୍ ଦେବେ;
- କମ୍ପାନୀ ବିବରଣୀଟିକୁ ସମସ୍ତଙ୍କୁ ପ୍ରଦାନ କରିବା ଆବଶ୍ୟକ ।
- କମ୍ପାନୀର ଲାଭାଂଶକୁ ଉପଭୋଗ କରିବା
- ନିର୍ଦ୍ଦେଶକମଣ୍ଡଳୀକୁ ନିର୍ବାଚିତ କରିବା ଓ ତାଙ୍କ ମାଧ୍ୟମରେ କମ୍ପାନୀ ପରିଚାଳନାରେ ସହଭାଗୀ ହେବା
- ଉତ୍ପୀଡନ ସ୍ଥଳେ ସହାୟତା ପାଇଁ କମ୍ପାନୀ ବିଧି ପରିଷଦକୁ ଆବେଦନ କରିବା;
- କୁପରିଚାଳନା ସ୍ଥଳେ ସହାୟତା ପାଇଁ କମ୍ପାନୀ ବିଧି ପରିହଦକୁ ଆବେଦନ କରିବା;

**ସଭ୍ୟଙ୍କ ମତଦାନ କରିବାର ଅଧିକାର**

(କ) ବ୍ୟକ୍ତିଗତ ସଦସ୍ୟତା କ୍ଷେତ୍ରରେ, ତାଙ୍କର ଅଂଶଧନ ପରିମାଣ ଅଥବା ଉତ୍ପାଦକ କମ୍ପାନୀର ପୃଷ୍ଠପୋଷକତା ନିର୍ବିଶେଷରେ, ଜଣେ ସଭ୍ୟ ଗୋଟିଏ ଭୋଟ୍ ଆଧାରରେ ଭୋଟ୍‌ଦାନ ଅଧିକାର ରହିବ।

(ଖ) ଜଣେ ସକ୍ରିୟ ସଭ୍ୟଙ୍କୁ ଅର୍ଥନୀତି ଚିଠା ପ୍ରସ୍ତୁତ ପାଇଁ ଅଧିକ ମତଦାନର କ୍ଷମତା ମିଳିଥାଏ।

(ଗ) ଯେଉଁଠାରେ ସଦସ୍ୟତା କେବଳ ଉତ୍ପାଦକ ଅନୁଷ୍ଠାନ ହୋଇଥାଏ, ଉତ୍ପାଦକ ଅନୁଷ୍ଠାନ ସଦସ୍ୟତା ସହଭାଗୀତା ଆଧାରରେ ମତଦାନ ଅଧିକାର ହିସାବ କରାଯାଇପାରେ।

(ଘ) ଯେଉଁଠାରେ ସଦସ୍ୟତା ଉତ୍ପାଦକ ଅନୁଷ୍ଠାନ ଓ ଏକକ ବ୍ୟକ୍ତି ଥାନ୍ତି ସେମାନଙ୍କର ଏକକ ମତଦାନ ଯଥା; ଜଣେ ସଭ୍ୟ ଗୋଟିଏ ଭୋଟ୍ ଆଧାରରେ ମତଦାନ ଅଧିକାର ସାବ୍ୟସ୍ତ କରିଥାନ୍ତି।

- ବୈଠକରେ ପ୍ରସ୍ତାବିତ ନିଷ୍ପତ୍ତି ଉପରେ ସଂଶୋଧନ ପ୍ରସ୍ତାବ ଆଣିବ।
- କମ୍ପାନୀ ବନ୍ଦ କରିବା ପାଇଁ କୋର୍ଟରେ ଯଦି ଆବେଦନ କରିବା
- କମ୍ପାନୀ ବନ୍ଦ ହେବା ସ୍ଥଳେ, ବଳକା ଅର୍ଥର ଭାଗ ଓ ତାକୁ ଯୋଗାଇ ଦିଆଯାଇଥିବା ଅଂଶଧନ ପ୍ରମାଣପତ୍ର ପାଖରେ ରଖିବା
- ବ୍ୟକ୍ତିଗତ ସଦସ୍ୟତା କ୍ଷେତ୍ରରେ ତାଙ୍କର ଅଂଶଧନ ପରିମାଣ ଅଥବା ଉତ୍ପାଦକ କମ୍ପାନୀର ପୃଷ୍ଠପୋଷକତା ନିର୍ବିଶେଷରେ, ଜଣେ ସଭ୍ୟ ଗୋଟିଏ ଭୋଟ୍ ଆଧାରରେ ଭୋଟଦାନ ଅଧିକାର ରହିବ
- ସେମାନଙ୍କର ପୃଷ୍ଠପୋଷକତା ଆଧାରରେ, ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ କୌଣସି ସକ୍ରିୟ ସଭ୍ୟଙ୍କୁ ଅତିରିକ୍ତ ଭୋଟ୍ ଦେବା ପାଇଁ ମିଳିବ ନାହିଁ।
- ଉତ୍ପାଦକ ଅନୁଷ୍ଠାନ ସଦସ୍ୟତା କ୍ଷେତ୍ରରେ ବିଗତ ବର୍ଷରେ କମ୍ପାନୀର ବ୍ୟବସାୟରେ ସେହି ଅନୁଷ୍ଠାନମାନଙ୍କର ସହଭାଗୀତା ଆଧାରରେ ମତଦାନ ଅଧିକାର ହିସାବ କରାଯାଇପାରେ।ପଞ୍ଜିକୃତ ହେବାର ପ୍ରଥମ ବର୍ଷ ପାଇଁ ମଧ୍ୟ ସେହି ସମାନ, ମତଦାନ ଅଧିକାର ଅଂଶଧନ ଆଧାରରେ ଧାର୍ଯ୍ୟ କରାଯିବ।

## ହିତସମୂହର ଦ୍ୱନ୍ଦ

- ନିଜ ବ୍ୟବସାୟର ହିତ ଉତ୍ପାଦକ କମ୍ପାନୀ ବ୍ୟବସାୟର ହିତ ସହ ସମାନ ହୋଇଥାଏ, ତା'ହେଲେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ, ସେପରି ବ୍ୟକ୍ତି କମ୍ପାନୀର ସଭ୍ୟ ହୋଇପାରିବେ ନାହିଁ ।
- ଜଣେ ସଭ୍ୟ, ଏପରି କିଛି ବ୍ୟବସାୟ କରନ୍ତି ଯାହା ଉତ୍ପାଦକ କମ୍ପାନୀ ବ୍ୟବସାୟର ହିତ ବିରୋଧୀ, ସେହି ସଭ୍ୟ କମ୍ପାନୀର ସଦସ୍ୟତା ହରାଇବେ ଓ କମ୍ପାନୀର ଉପବିଧି ଅନୁଯାୟୀ ତାଙ୍କୁ ସଭ୍ୟପଦରୁ ବହିଷ୍କାର କରାଯିବ ।



# କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ

ଏହି ନମୁନା ପତ୍ରକୁ ମନେପକାଇବା ଯେ ଆରମ୍ଭରୁ ଆମେ ସମସ୍ତ ନୀତିନିୟମ ଅନୁଧ୍ୟାନ କରୁ । କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟ ହେବାପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା । ଆମେ ଯାହା ଶିଖିଲୁ ଓ ଜାଣିଲୁ ସେ ବିଷୟରେ ଅଧିକ ହୃଦୟଙ୍ଗମ କରିବାକୁ ଅଧିକ ପ୍ରଶ୍ନର ଉତ୍ତର ଲେଖିବା ।

୧ . କୃଷକ ଉତ୍ପାଦକ ସଙ୍ଗଠନରେ କେଉଁମାନେ ସକ୍ରିୟ ସଭ୍ୟ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨ . କୃଷକ ଉତ୍ପାଦକ ସଙ୍ଗଠରେ ସେବା ଉପଭୋଗ କରିବାପାଇଁ ସଭ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କ'ଣ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩. କୃଷକ ଉତ୍ପାଦକ ସଙ୍ଗଠନ ପ୍ରତି ସଭ୍ୟମାନଙ୍କର ବିଭିନ୍ନ ସ୍ତରରେ କିପରି ଆଗ୍ରହ ସୃଷ୍ଟି କରିବା ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୪ . କୃଷକ ଉତ୍ପାଦକ ସଙ୍ଗଠନରେ ସଭ୍ୟଙ୍କୁ କେନ୍ଦ୍ରାଭିମୁଖୀ କିପରି କରାଯାଏ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୫. କୃଷକ ଉତ୍ପାଦକ ସଙ୍ଗଠନର ସୁବିଧାସୁଯୋଗ ଓ ସଦସ୍ୟମାନଙ୍କ ମଧ୍ୟରେ କିପରି ସମନ୍ୱୟ / ସନ୍ତୁଳନ ରକ୍ଷା କରାଯାଇପାରିବ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

## କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟମାନଙ୍କ ପାଇଁ ମୁଖ୍ୟ କାର୍ଯ୍ୟସମୂହ

ଆମ କୃଷକ ଉତ୍ପାଦକ ସଙ୍ଗଠନରେ କ'ଣ ସବୁ ମୁଖ୍ୟ କାର୍ଯ୍ୟ ହେବ, "କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟତା" ପେଟିକା ଆଧାରରେ ଲେଖିବା ।


ଏଫ ପି ଓ
-ସେବା ଯୋଗାଇଦେବା
- ଲାଭ (ଲାଭାଂଶ ଓ ବୋନସ  ଇତ୍ୟାଦି)
- ଅଂଶଧନ
- ସଞ୍ଚୟ
ଏଫ ପି ଓ
- ସେବାର ଉପଯୋଗୀତା
- ମତଦାନ ଏବଂ ନିଷ୍ପତ୍ତି
ଗ୍ରହଣରେ ସହଭାଗୀତା
ସଦସ୍ୟମାନେ

## ଏପିମାସ୍ ସମ୍ପର୍କରେ

ଏପିମାସ୍ ଏକ ଅଣ-ଲାଭଦାୟକ ଜାତୀୟ ସ୍ତରୀୟ ସାଧନ ଅନୁଷ୍ଠାନ, ଯିଏ କି ଲୋକ ସଙ୍ଗଠନମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରେ। ସେଗୁଡିକ ହେଲା ମହିଳା ସ୍ୱୟଂ ସହାୟକ ଦଳ (ଏସଏଚଜି), ସ୍ୱୟଂ ସହାୟକ ଦଳର ସଂଘ, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠିଭିତ୍ତିକ ସଙ୍ଗଠନ। ନିଜେ ନିଜକୁ ସହାୟତା, ସମୂହ ଲାଭ, ନିଜର ଦାୟିତ୍ୱବୋଧତା ଏବଂ ଆତ୍ମନିର୍ଭରଶୀଳତା, ସଙ୍ଗଠନର ଉପଦେଷ୍ଟା ମୂଲ୍ୟବୋଧକୁ ବିଶ୍ୱାସ ଏବଂ ଅଭ୍ୟାସ କରେ।







## ବିନିମୟ-
## କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା

କୃଷକ ଉତ୍ପାଦକ ସଙ୍ଗଠନ ଇନକ୍ୟୁବେସନ କେନ୍ଦ୍ର ହେଉଛି ଏପିମାସ୍ ଦ୍ୱାରା ପ୍ରୋତ୍ସାହିତ ଏକ କୃଷକ ଉତ୍ପାଦକ ସଙ୍ଗଠନକୁ  ଇନକ୍ୟୁବେସନ ଏବଂ ପୋଷଣ ସହାୟତା ଯୋଗାଇବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡିକ ଏବଂ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରୋତ୍ସାହନ ତଥା ସହାୟତା ସଂସ୍ଥାର ସହଭାଗୀତାରେ ଏହି ସଂସ୍ଥାଗୁଡିକର ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗରେ ବିକାଶ କରିବା। ଏହି ଅନୁଷ୍ଠାନ ଗୁଡିକର ବିକାଶ ତଥା ମଜବୁତ କରିବାପାଇଁ ଯେପରିକି ଦର୍ଶନ, ଆଇନଗତ ନିୟମ, ପରିଚାଳନା, ଶାସନ ଏବଂ ଦକ୍ଷତା ବିକାଶ ଇତ୍ୟାଦି ସେବା ପ୍ରଦାନ କରିଥାଏ ।ଏହା ବ୍ୟବସାୟିକ ବିକାଶ ସେବା ଯେପରିକି ବ୍ୟବସାୟ ଯୋଜନା, ଆର୍ଥିକ ସମନ୍ୱୟ, ବିପଣନ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟରେ ସମ୍ଭାବନା ବିକାଶରେ ବୈଷୟିକ ସହାୟତା ପ୍ରଦାନ କରିଥାଏ।

ସହାୟତା
DGRV

ଅନୁବାଦ
cysd Enable-Empower-Include

ପ୍ରକାଶନ
apmas